visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.89 Bhubaneswar Tuesday, May 18, 2021 | ୨୪ତମ ବର୍ଷ ସଂଖ୍ୟା–୮୯ ଭୁବନେଶ୍ୱର, ମଙ୍ଗଳବାର, ମେ ୧୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

### ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଚାଷୀ ମାନଙ୍କ ପାଇଁ ଏକ ନୂଆ ସମ୍ଭାବନା - ବାଚସ୍ପତି

# ଶ୍ୟାମଳ ସୁବର୍ଣ୍ଣର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ ପାଳିତ

ଭୁବନେଶ୍ୱର୧୭।୫(ପି.ଏନ): ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଭାବେ ଜଣାଶୁଣା। କୃଷି ଆମ ଉତ୍କଳୀୟ ସଂସ୍କୃତିର ମୂଳାଧାର। ଏହି ପରିପ୍ରେକ୍ଷୀରେ କୃଷିର ବିକାଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି କୃଷି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ୨୦୧୮ ଏପ୍ରିଲ ରେ ଆରମ୍ଭ ହୋଇଥିଲା କୃଷି ଭି□କ ତ୍ରୈମାସିକ ପତ୍ରିକା ଶ୍ୟାମଳ ସୁବର୍ଣ୍ଣ। ଲକ୍ଷ୍ୟ ଥିଲା ଓଡ଼ିଶାର ଚାଷୀମାନଙ୍କ ପାଖରେ ପହଁଚିବାକୁ। କେବଳ ପତ୍ରିକା ପ୍ରକାଶନରେ ସୀମିତ ନରହି ଆରମ୍ଭ ହୋଇଥିଲା ଦିନିକିଆ କୃଷକ ସଚେତନତା ଓ ପ୍ରଶିକ୍ଷଣ ଶିବିର। ଓଡ଼ିଶାର ପାଖାପାଖି ୧୫ଟି ଜିଲ୍ଲାର ୧୫ଟି ଗାଁରେ ୬୫୦ରୁ ଅଧିକ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇସାରିଛନ୍ତି ଏହି କୃଷି ଛାତ୍ରଛାତ୍ରୀ। ତେବେ ଓଡ଼ିଶାର କୃଷି ଭି□କ ଗଣପର୍ବ ଅକ୍ଷୟ ତୃତୀୟା ଅବସରରେ ଶ୍ୟାମଳ ସୁବର୍ଣ୍ଣର ୩ୟ ସ୍ୱନକ୍ଷତ୍ର ଉତ୍ସବ ଅନଲାଇନରେ ପାଳିତ ହୋଇଯାଇଛି। କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ସାଧାରଣ ସଭା କରା ନଯାଇ ଗୁଗୁଲ ମିଟ୍‌ରେ ପାଳନ କରାଯାଇଥିଲା ଏହି ଉତ୍ସବ। ଏହାକୁ ଉଦଘାଟନ କରିଥିଲେ ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ତଥା ବରିଷ୍ଠ ରାଜନେତା ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପାତ୍ର। ଶ୍ରୀ ପାତ୍ର ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିବା ସହ ଏହା ଓଡ଼ିଶାର ଚାଷୀ ମାନଙ୍କ ପାଇଁ ଏକ ନୂଆ ସମ୍ଭାବନା ବୋଲି କହିଥିଲେ। ଏହା ସହ ପତ୍ରିକାର ସ୍ୱନକ୍ଷତ୍ର ବିଶେଷାଙ୍କକୁ ଲୋକାର୍ପିତ କରିଥିଲେ। ମୁଖ୍ୟ ବକ୍ତା ଭାବରେ ଓୟୁଏଟିର ପୂର୍ବତନ କୁଳପତି ଡ଼ ମନୋରଂଜନ କର ଯୋଗ ଦେଇ କହିଥିଲେ କୃଷିର ବିକାଶ ପାଇଁ ଛାତ୍ରଛାତ୍ରୀ ମାନେ ଆରମ୍ଭ କରିଥିବା ଏ ପଦକ୍ଷେପ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ପୂର୍ବତନ ସାଂସଦ,ଭୁବନେଶ୍ୱର ତଥାକବି ପ୍ରସନ୍ନ ପାଟ୍ଟସାଣୀ। ଉତ୍ସବର ଅନ୍ୟତମ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ , ପର୍ଯ୍ୟବେକ୍ଷକର ସମ୍ପାଦକ ଡ଼ ପବିତ୍ର ମୋହନ ସମା'ରାୟ , ଓୟୁଏଟିର କୀଟତ□୍ୱ ବିଭାଗ ପ୍ରାଧ୍ୟାପକ ପ୍ରଭାତ କୁମାର ଷଡଙ୍ଗୀ , ବାସୁଦେବପୁରର ତହସିଲଦାର ତଥା ଯୁବ ସ୍ତମ୍ଭକାର , କବି ,ଲେଖକ ଶ୍ରୀ ସୌମ୍ୟଶ୍ରୀ ପାଣିଗ୍ରାହୀ ସେଂଚୁରିଆନ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସତ୍ୟ ପ୍ରକାଶ ନନ୍ଦ ପ୍ରମୁଖ ଯୋଗ ଦେଇ ଶ୍ୟାମଳ ସୁବର୍ଣ୍ଣ କିପରି ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ଗାଁରେ ପହଁଚିପାରିବ , ସେ ବିଷୟରେ ଆଲୋଚନା କରିଥିଲେ। ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ ବାର୍ଷିକ ବିବିରଣୀ ପାଠ କରିଥିବା ବେଳେ ଏହାର ପ୍ରତିଷ୍ଠାତା ପ୍ରାଧ୍ୟାପକ ଗୌରାଙ୍ଗ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଭିନ୍ନ କ୍ଷେତ୍ରରେ ଦଶ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପତ୍ରିକାର ଉପଦେଷ୍ଟା ଭୁବନାନନ୍ଦ ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବକୁ ସଂଯୋଜନା କରିଥିଲେ ଶୁଭଶ୍ରୀ ସାହୁ, ବିଜ୍ଞାନ ମିହିର ରାଉତ ଓ ଅଭିନନ୍ଦା ନାୟକ। ତେବେ ଆଗାମୀ ଦିନରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ଚାଷୀ ମାନଙ୍କ ପାଇଁ ଅନେକ କିଛି ନୂଆ ଯୋଜନା ପତ୍ରିକା ତରଫରୁ କାର୍ଯ୍ୟକାରୀ କରାଯିବ ବୋଲି ସମ୍ପାଦକ ଶୁଭମ୍ କହିଥିଲେ।




## ଗୋଟିଏ ଦିନରେ ୧୦୭୫୭ କରୋନା ଆକ୍ରାନ୍ତ ଚିହ୍ନଟ, ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୨୨୯୮୧

ଭୁବନେଶ୍ୱର ୧୭।୫(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୦୭୫୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୨୨୯୮୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୧୪୫୩୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୬୦୬୧ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୭୫୭ ଜଣଙ୍କ ମଧ୍ୟରୁ ୬୦୨୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୭୩୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ସବୁଠାରୁ ଅଧିକ ୯୭୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬୦୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୫୪ଜଣ, ବରଗଡ଼ରୁ ୪୦୪ ଜଣ, ଭଦ୍ରକରୁ ୪୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୫୦୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୩୩, କଟକରୁ ୯୭୩ ଜଣ, ଦେବଗଡ ଜିଲ୍ଲାରୁ ୧୦୨ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୮୯ ଜଣ, ଗଜପତି ଜିଲ୍ଲାରୁ ୧୪୧, ଗଞ୍ଜାମରୁ ୨୦୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୧୯ ଜଣ, ଯାଜପୁରରୁ ୨୮୧ଜଣ, ଝାରସୁଗୁଡ଼ାରୁ ୩୮୮ ଜଣ, କଳାହାଣ୍ଡିରୁ ୧୨୫ ଜଣ, କନ୍ଧମାଳ ଜିଲ୍ଲାରୁ ୮୭ ଜଣ. କେନ୍ଦ୍ରାପଡ଼ାରୁ ୧୪୮ ଜଣ, କେନ୍ଦୁଝରରୁ ୨୦୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୯୦୯ ଜଣ, କୋରାପୁଟରୁ ୨୮୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୨୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୫୪ ଜଣ, ନବରଙ୍ଗପୁରରୁ ୩୮୬ଜଣ, ନୟାଗଡ଼ରୁ ୨୨୭ ଜଣ, ନୂଆପଡ଼ାରୁ ୫୦୨ ଜଣ, ପୁରୀରୁ ୩୫୦ ଜଣ, ରାୟଗଡ଼ାରୁ ୧୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୪୯୪ ଜଣ, ସୋନପୁରରୁ ୨୪୫ ଜଣ, ସୁନ୍ଦରଗଡ଼ରୁ ୮୩୨ ଜଣ ଓ ଷ୍ଟେଟ୍ ପୁଲରୁ ୨୦୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

## ୨୪ରୁ ଘର ଘର ବୁଲି କରୋନା ଲକ୍ଷଣ ଓ ଜଟିଳ ରୋଗର ସର୍ଭେ କରିବେ ଆଶା କର୍ମୀ

-କୋଭିଡ ମୃତକଙ୍କ ବିଧବା ଓ ବାପା ମାଙ୍କୁ ହରାଇଥିବା ପିଲାଙ୍କୁ ମିଳିବ ପେନ୍‌ସନ୍ ,ପିଲାଙ୍କୁ ମାଗଣା ଶିକ୍ଷା
-ଗାଁ ରେ ଲକ୍‌ଡାଉନ ଓ ଟିଏମସି ସଂପର୍କରେ ନିଷ୍ପତି ନେଇପାରିବେ ସରପଂଚ
-ଅକ୍‌ସିଜେନ ଯୋଗାଣର ସୁପରିଚାଳନା ପାଇଁ ଟାସ୍କଫୋର୍ସ
- ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାସ୍କ କିଣି ବାଂଟିବେ

ଭୁବନେଶ୍ୱର୧୭।୫(ପି.ଏନ): ଆସନ୍ତା ମଇ ୨୪ ତାରିଖରୁ ୩ ମାସ ପାଇଁ ସାରା ରାଜ୍ୟରେ ଆଶା ଓ ଏଏନଏମ୍ ମାନେ ଘରକୁ ଘର ବୁଲି କୋଭିଡ ଲକ୍ଷଣ ଓ ଜଟିଳ ରୋଗ ସଂପର୍କରେ ସର୍ଭେ କରିବେ । ଏଥିପାଇଁ ସେମାନଙ୍କୁ ୩ ମାସ ପାଇଁ ମାସିକ ୧୦୦୦ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। କୋଭିଡ୍ ପରିଚାଳନା ନେଇ ସୋମବାର ଅପରାହ୍ନରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଏଥିସହ କୋଭିଡ ମୃତକଙ୍କ ପରିବାରର ବିଧବା ଓ ବାପା ମା ଙ୍କୁ ହରାଇ ଥିବା ପିଲା ମାନଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହିତ ପିଲାମାନଙ୍କ ପାଇଁ ମାଗଣା ଶିକ୍ଷା ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ସେହିପରି ପ୍ରତି ଗାରେ ଥିବା ଗାଁ କଲ୍ୟାଣ ସମିତି ମାନଙ୍କୁ ମଧ୍ୟ କୋଭିଡ ନିୟନ୍ତ୍ରଣ ପାଇଁ ବିଭିନ୍ନ କାର୍ଯ୍ୟ ନିମନ୍ତେ ୧୦ ହଜାର ଟଙ୍କା ସହାୟତା ଦିଆଯିବ। ଗୃହ ସଂଗରୋଧ ତଦାରଖ ଦାୟିତ୍ୱରେ ଥିବା ଆଶାକର୍ମୀ ମାନଙ୍କୁ ମଧ୍ୟ ବାଇସାଇକେଲ, ଚପଲ, ଛତା, ଟର୍ଚ୍ଚ ଓ କପ୍ ବୋର୍ଡ ଆଦି ପାଇଁ ଏକକାଳୀନ ୧୦ ହଜାର ଟଙ୍କା ସହାୟତା ଦିଆଯିବ। ଲକ୍‌ଡାଉନ କାର୍ଯ୍ୟକାରୀ କରିବା ଏବଂ ଗାଁର

● ୭ ପୃଷ୍ଠାରେ

## ସମଗ୍ର ବିଶ୍ୱରେ ଅଷ୍ଟମ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ

ଭୁବନେଶ୍ୱର୧୭।୫(ପି.ଏନ): ପରିବାରରୁ ଆରମ୍ଭ ହୋଇଥାଏ ସ୍ନେହ, ପ୍ରେମ ଓ ଅନ୍ୟକୁ ଖୁସି ବାଣ୍ଟିବାର ପରମ୍ପରା। ସ୍ନେହ ଓ ପ୍ରେମ ପ୍ରଥମେ ମିଳିଥାଏ ମାଆଙ୍କ ନିକଟରୁ। ମାଆଙ୍କଠାରୁ ମିଳିଥିବା ସ୍ନେହ ଓ ଖୁସି ଅନ୍ୟମାନଙ୍କୁ ଦାନ କରିବାର ପ୍ରେରଣା ପରିବାରରୁ ହିଁ ମିଳିଥାଏ। ଏହି ଭାବନାକୁ ନେଇ ଚଳିତବର୍ଷ ସମଗ୍ର ବିଶ୍ୱରେ ପାଳିତ ହେଉଛି ଅଷ୍ଟମ ଆର୍ଟ ଅଫ୍ ଗିଭିଂ ଦିବସ। ଏବେ କରୋନା ଯୋଗୁଁ ସମଗ୍ର ବିଶ୍ୱ, ଭାରତ ଓ ଓଡ଼ିଶା ମଧ୍ୟ କବଳିତ ହୋଇପଡ଼ିଥିବା ଯୋଗୁଁ ଚଳିତବର୍ଷ ଆର୍ଟ ଅଫ୍ ଗିଭିଂ ଘରେ ରହି ପାଳନ କରାଯାଉଛି। ଏଥିପାଇଁ ବାହାରେ କୌଣସି କାର୍ଯ୍ୟକ୍ରମ ଆୟୋଜନ କରାଯାଇନାହିଁ। ଏହାର ମୂଳଲକ୍ଷ୍ୟ ହେଉଛି ଭଲପାଇବା ଓ ଖୁସି ବାଣ୍ଟିବା। ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଚଳିତବର୍ଷେ ଆର୍ଟ ଅଫ୍ ଗିଭିଂର ବିଷୟବସ୍ତୁ ରଖିଛନ୍ତି 'ମାଇଁ ମଦର- ମାଇଁ ହିରୋ'। କରୋନା ଯୋଗୁଁ ଏ ବର୍ଷ ଘରେ ରହି ଆର୍ଟ ଅଫ୍ ଗିଭିଂ ଦିବସ ପାଳନ କରାଯାଉଥିବାରୁ ଏହି ବିଷୟବସ୍ତୁ ଉପରେ ମାଆମାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ନିବେଦନ କରାଯାଇଛି। ସମଗ୍ର ବିଶ୍ୱରେ ଆର୍ଟ ଅଫ୍ ଗିଭିଂର ପ୍ରଶଂସକମାନେ ଅତି ଆଗ୍ରହ ଓ ଉତ୍ସାହର ସହ ମାଆଙ୍କୁ କୃତଜ୍ଞତା ଜଣାଇ ଆର୍ଟ ଅଫ୍ ଗିଭିଂ ଦିବସ ପାଳନ କରୁଛନ୍ତି।



ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ’ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ’ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗା କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପ ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜେନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ’ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟରୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ‘କର୍ଫି’ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା’ ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା’। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା’ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା’। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା’ ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା’ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






### ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ମେ ୧୮

# ଜଳ ପାଇଁ ଯୁଦ୍ଧ !

କଥାରେ ଅଛି ଜଳ ବହୁଳେ ସୃଷ୍ଟି ନାଶ ଆଉ ଜଳ ବିହୁନେ ସୃଷ୍ଟି ନାଶ । ଜଳର ଦୁଇଟି ଦିଗ ଉପରେ ଆମେ ସମସ୍ତେ ଊଣା ଅଧିକେ ଅବଗତ । ନିକଟରେ ମହାରାଷ୍ଟ୍ରର ଲାଟୁରରେ ଜଳ ଅଭାବ ଜନିତ ପରିସ୍ଥିତିକୁ ଲାଘବ ଜନିତ ପ୍ରଶାସନ ୧୪୪ ଧାରା ଜାରି ପର୍ଯ୍ୟନ୍ତ କଥା ଯାଇଥିଲା । ଆଜି ନ ହେଲେ ବି ଆଗାମୀ ଦିନମାନଙ୍କରେ ମହାରାଷ୍ଟ୍ରର ଲାଟୁର ଅଞ୍ଚଳର ଦୁଃସ୍ଥିତି ସାରା ଭାରତରେ ଦେଖାଯିବ, ଏହା ନିଶ୍ଚିତ । ଓଡ଼ିଶା ସମେତ ରାଜସ୍ଥାନ, ଆସାମ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, କର୍ଣ୍ଣାଟକ, ହରିୟାଣା ଭଳି ରାଜ୍ୟଗୁଡ଼ିକରେ ବୃଷ୍ଟିପାତ ଉଲ୍ଲେଖନୀୟ ଭାବେ ହ୍ରାସ ପାଉଥିବାରୁ ସେହି ଅଞ୍ଚଳରେ ଜଳ ସଙ୍କଟ ଦେଖାଦେବା ସ୍ୱାଭାବିକ । ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୧୭୦ ମିଲିଲିଟର ବର୍ଷା ହୋଇଥାଏ । ବର୍ଷା ଓ ବରଫ ତରଳିବା କାରଣରୁ ବର୍ଷରେ ପ୍ରାୟ ୪୦୦୦ ଘନ କିଲୋମିଟର ପାଣି ଆମକୁ ମିଳେ, ଯେଉଁଥିରୁ ୮୦ ଶତାଂଶ ପାଣି ବୋହିଯାଇ ନଷ୍ଟ ହୁଏ ଓ ବ୍ୟକ୍ତିପିଛା ପ୍ରାୟ ୧୮୨୦ ଘନମିଟର ପାଣି ମିଳୁଥିବା ଆକଳନ କରାଯାଇଛି । ତେବେ ଏହା ମଧ୍ୟ ସମସ୍ତଙ୍କୁ ଉପଲବ୍ଧ ହୋଇନଥାଏ । ସରକାରଙ୍କ ଜଳନୀତିର ଏକ ରିପୋର୍ଟ ଅନୁସାରେ ଦେଶର ବ୍ୟକ୍ତିପିଛା ଜଳ ଉପଲବ୍ଧତା ୧୯୪୭ରେ ୬୦୪୨ ଘନମିଟର ଥିବାବେଳେ ୨୦୧୧ ମସିହାବେଳକୁ ୧୫୪୫ ଘନମିଟରରେ ପହଞ୍ଚିଥିଲା, ଅର୍ଥାତ୍ ୭୪ ଶତାଂଶ ହ୍ରାସ ପାଇଥିଲା । ବର୍ଷାଜଳ ନଷ୍ଟ ହେବା ଓ ଉପଲବ୍ଧ ପାଣିର ଦୁରୁପଯୋଗ ଜଳ ସଙ୍କଟର ପ୍ରମୁଖ କାରଣ । ଭୂଜଳର ଆଖିବୁଜା ଦୋହନ ଫଳରେ ଏବେ ତାର ସ୍ତର ନିମ୍ନମୁଖୀ । ଏହି ସମସ୍ୟା ଏବେ ଅଳ୍ପବହୁତେ ସବୁ ରାଜ୍ୟର । ତେଣୁ ସରକାର ଏଥିପ୍ରତି ଏବେଠାରୁ ଆବଶ୍ୟକ ପଦକ୍ଷେପ ନନେଲେ ଏବଂ ଜନସାଧାରଣ ସଚେତନ ନ ହେଲେ ଆଗାମୀ ଦିନରେ ଭୟଙ୍କର ସ୍ଥିତି ସୃଷ୍ଟି ହେବ, ତାହା ନିଃସନ୍ଦେହ । କେନ୍ଦ୍ରୀୟ ଜଳ ଆୟୋଗ ଦେଶର ୮୫ଟି ପ୍ରମୁଖ ଜଳାଶୟର ରକ୍ଷଣାବେକ୍ଷଣ ଅନୁଧ୍ୟାନ କରିଥାଏ । ନିକଟରେ ପ୍ରକାଶିତ ଏହାର ମୁଖ୍ୟ ପରାମର୍ଶଦାତା କମ୍ପାନୀ ଇ.ଏ.ର ଏକ ଅନୁଧ୍ୟାନ ରିପୋର୍ଟ ଅନୁଯାୟୀ ଭାରତ ୨୦୨୫ ମସିହା ସୁଦ୍ଧା ଜଳସଙ୍କଟଗ୍ରସ୍ତ ଦେଶ ପାଲଟିବ । ଏଥିରେ କୁହାଯାଇଛି ଯେ ପରିବାରର ଆୟବୃଦ୍ଧି ଓ ସେବା ଏବଂ ଉଦ୍ୟୋଗ କ୍ଷେତ୍ର ବଢ଼ିବା ଦ୍ୱାରା ଘରୋଇ ଓ ଔଦ୍ୟୋଗିକ କ୍ଷେତ୍ରରେ ପାଣିର ଚାହିଦା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଉଛି । ଭୂଜଳ ଦୋହନର ପରିମାଣ ଏହି କାରଣରୁ ବୃଦ୍ଧି ପାଉଛି । ଏ ସମ୍ପର୍କରେ ଦେଶର ପରିବେଶବିତ୍‌ମାନେ ବାରମ୍ବାର ଚେତାବନୀ ଦେଉଥିଲେ ସୁଦ୍ଧା ସରକାର ସେଥିପ୍ରତି ଆଦୌ ଦୃଷ୍ଟି ଦେଉନଥିବା ପରିତାପର ବିଷୟ । ଜଳ ସଙ୍କଟର ସମାଧାନ ପାଇଁ ଜଳସଂରକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏଭଳି ବ୍ୟବସ୍ଥା ଆମ ଦେଶରେ ପରମ୍ପରାଭାବେ ବହୁ ଆଗରୁ ରହିଥିଲା, ଯାହା ଆମେ ସେସବୁର ଧ୍ୱଂସାବଶେଷରୁ ଜାଣିବାକୁ ପାଉ । ଆମ ବ୍ୟକ୍ତିଗତ ଜୀବନରେ ଦେଖୁ ଅବିରତ ଭାବରେ ଆମେ ଜଳର ଅପଚୟ କରି ଚାଲିଛୁ । ପିଇବା ପାଣି, ଟ୍ୟାପ କେଉଁଠୁ ଖୋଲାପଡ଼ି ଘଣ୍ଟା ଘଣ୍ଟା ଧରି ଜଳ ନଷ୍ଟ ହେଉଛି ତ ବଡ଼ବୋରୱେଲର ପାଣି ନିଷ୍କାସିତ ହେଉଥିଲେ ମଧ୍ୟ ଏହାକୁ ବନ୍ଦ କରିବା ପାଇଁ ଦାୟିତ୍ୱର ନୈତିକତାକୁ ନେଇ କେବେ ଚିନ୍ତା କରିନଥାଉ । ଜଳ ସଞ୍ଚୟ ପାଇଁ ସବୁକ୍ଷେତ୍ରରେ ଉଦ୍‌ବେଗ ପ୍ରକାଶ ପାଉଥିଲେ ବି ଫଳ କିନ୍ତୁ ଶୂନ୍ୟ । ବର୍ତ୍ତମାନର ଛତିଶଗଡ଼ର ମହାନଦୀରେ ଜଳରୋକ ନେଇ ଓଡ଼ିଶାରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହେଉଛି ଏହାପଛରେ କେନ୍ଦ୍ର ଜଳ ଆୟୋଗ ମତ ଦେଇଛନ୍ତି ଯେ ମହାନଦୀର ୭୫ ଭାଗରୁ ଉର୍ଦ୍ଧ୍ୱଜଳ ସମୁଦ୍ରକୁ ବୋହି ଯାଉଥିଲେ ମଧ୍ୟ ଏହାକୁ ଧରି ରଖିବା ପାଇଁ ସରକାରୀ ଭାବରେ କୌଣସି ବ୍ୟବସ୍ଥା ହେଉନାହିଁ । ଗତ କେତେବର୍ଷ ମଧ୍ୟରେ ବର୍ଷାଦିନରେ ମହାନଦୀରେ ଆବଶ୍ୟକୀୟ ପରିମାଣର ପାଣି ମଧ୍ୟ ରହୁନଥିଲା । ତେଣୁ ବର୍ତ୍ତମାନ ସମୟ ପହଞ୍ଚିଛି ତ ଆମମାନଙ୍କ ଭିତରେ ଏ ନେଇ ବ୍ୟାପକ ସଚେତନତା ସୃଷ୍ଟି ହେବା । ଆଧୁନିକ ସମାଜ ଏହାକୁ ଗୁରୁତ୍ୱ ଦେଉନଥିବାରୁ ଏବଂ ଜଳର ପ୍ରକୃତ ମୂଲ୍ୟ ବୁଝିପାରୁ ନ ଥିବାରୁ ସମସ୍ୟା କାଳକ୍ରମେ ଗୁରୁତର ରୂପ ନେଉଛି । ଦୈନନ୍ଦିନ ଜୀବନରେ ମଧ୍ୟ ଆମେ ଜଳର ଦୁରୁପଯୋଗକୁ ରୋକିପାରିଲେ ଏବଂ ସେଥିପ୍ରତି ସଜାଗ ହୋଇପାରିଲେ ଜଳସଙ୍କଟ ଦେଖାଦିଅନ୍ତାନାହିଁ । ଜନସଚେତନତା ସହ ସରକାରୀ ସ୍ତରରେ ଶକ୍ତିଶାଳୀ ଜଳ ପରିଚାଳନା ବ୍ୟବସ୍ଥା ତିଆରି କରିବା ବର୍ତ୍ତମାନ ସମୟର ଆବଶ୍ୟକତା । ଜଳ ପାଇଁ ଯୁଦ୍ଧ ହେବା ପୂର୍ବରୁ ଜଳର ଉପଲବ୍ଧତା ଯେ ପ୍ରକୃତରେ ସୀମିତ, ଆମେ ସମସ୍ତେ ସେକଥା ବୁଝିବା ଜରୁରୀ ।

## ଆଜିର ଅନୁଚିନ୍ତା

**'ମୁଁ'ତ୍ୱକୁ କେବଳ ଦେହ ଭିତରେ ସୀମାବଦ୍ଧ କରି ରଖିଲେ ଆତ୍ମାନନ୍ଦ ମିଳିବ କିପରି ?**

# ସତ୍‌ସଙ୍ଗର ସୁଫଳ

ଏକଦା ମଗଧର ରାଜା ଚିତ୍ରାଙ୍ଗଦ ବନ ବିହାର ଉଦ୍ଦେଶ୍ୟରେ ବାହାରିଲେ । ସୈନ୍ୟସାମନ୍ତ ତଥା ଦରବାରର ସଦସ୍ୟମାନଙ୍କ ସହ ଜଙ୍ଗଲରେ ବୁଲୁଥିବାବେଳେ ଦେଖିବାକୁ ପାଇଲେ ଏକ ସୁନ୍ଦର ସରୋବର ନିକଟରେ ଆଶ୍ରମଟିଏ । ଜଣେ ମହାତ୍ମା (ଋଷି) ସେଠାରେ ଧ୍ୟାନମଗ୍ନ ଥିବାର ରାଜା ଦେଖିବାକୁ ପାଇଲେ । ରାଜା ଲକ୍ଷ୍ୟ କଲେ ମହାତ୍ମାଙ୍କ କୁଟୀରରେ ସେଭଳି କିଛି ଆସବାବପତ୍ର ନାହିଁ । ମନେମନେ ଭାବିଲେ ତାଙ୍କ ରାଜ୍ୟରେ ରହୁଥିବା ଏହି ମହାତ୍ମା ନିଶ୍ଚୟ ଘୋର ଅଭାବଗ୍ରସ୍ତ ଅଛନ୍ତି । ଫେରିବାପରେ ମହାତ୍ମାଙ୍କ ଅଭାବ ମୋଚନ ନିମନ୍ତେ ରାଜକର୍ମଚାରୀଙ୍କ ହାତରେ ମହାତ୍ମାଙ୍କ ନିକଟକୁ କିଛି ଧନରାଶି ପଠାଇଦେଲେ । ମହାତ୍ମା କିନ୍ତୁ ଏହା ଦେଖିବାପରେ ଗ୍ରହଣ କରିବାକୁ ଅନିଚ୍ଛାପ୍ରକାଶ କରି ଫେରାଇ ଦେଇଥିଲେ । ରାଜା ମନେମନେ ଭାବିଲେ ବୋଧହୁଏ ଏହି ଧନରାଶି କମ୍ ଥିବାରୁ ମହାତ୍ମା ଗ୍ରହଣ କଲେନାହିଁ । ଅଧିକ ଧନ ଦେଇ ଦ୍ୱିତୀୟବାର ପଠାଇଥିଲେ ମଧ୍ୟ ମହାତ୍ମା ସେସବୁ ଗ୍ରହଣ ନ କରି ପୁନର୍ବାର ଫେରାଇ ଦେଇଥିଲେ । ଏବେ ରାଜା ମନେମନେ ଭାବିଲେ ମହାତ୍ମା ଅଭାବଗ୍ରସ୍ତ ତ ନିଶ୍ଚୟ । ହେଲେ ତାଙ୍କର ଦୁରବସ୍ଥା ଘୁଞ୍ଚାଇବା ଉଦ୍ଦେଶ୍ୟରେ ଦିଆଯାଇଥିବା ଧନ ଗ୍ରହଣ କଲେନାହିଁ କାହିଁକି ? ଏହାର କାରଣ ଜାଣିବା ପାଇଁ ନିଜେ ମହାତ୍ମାଙ୍କୁ ଭେଟି ସେହି ଧନରାଶି ଗ୍ରହଣ କରିବାକୁ ନିବେଦନ କରିଥିଲେ । ଏହାଶୁଣି ସମ୍ରାଟ ହସିହସି କହିଲେ- ନିଜ ଆବଶ୍ୟକତା ମେଣ୍ଟାଇବା ନିମିତ୍ତ ମୋ ନିକଟରେ ପର୍ଯ୍ୟାପ୍ତ ଧନଅଛି । ଏହାଠାରୁ ଅଧିକ ମୋର ଲୋଭ ନାହିଁ । ରାଜା ଏହାଶୁଣି ଆଶ୍ଚର୍ଯ୍ୟ ହୋଇ ମହାତ୍ମାଙ୍କ କଥାର ସତ୍ୟତା ପରୀକ୍ଷା ନିମନ୍ତେ କୁଟୀରର ଏଣେତେଣେ ଦେଖିଲେ । କେବଳ ଗୋଟିଏ ତୁମ୍ବା, ଆସନ ଏବଂ ଦୁଇଟି ବସ୍ତ୍ର ଛଡ଼ା ଆଉ କିଛି ତାଙ୍କ ନଜରରେ ପଡ଼ିନଥିଲା । ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ତଥା ଧନ ରଖିବା ପାଇଁ ସେଠାରେ ଆଉ କୌଣସି ମାଧ୍ୟମ ନଥିବା ରାଜା ଦେଖିବାକୁ ପାଇଥିଲେ । ଆଶ୍ଚର୍ଯ୍ୟ ହୋଇ ସନ୍ନ୍ୟାସୀଙ୍କୁ କହିଲେ- ଆପଣଙ୍କର ଏହି କୁଟୀରରେ ବିଶେଷ କିଛି ସାମଗ୍ରୀ ଥିବାର ମୁଁ ଦେଖିବାକୁ ପାଉନାହିଁ । ମହାତ୍ମା ରାଜାଙ୍କୁ ନିକଟକୁ ଡାକି ତାଙ୍କ କାନରେ କହିଲେ- ମୁଁ ଏକ ବିଶେଷ ବିଦ୍ୟା ଜାଣିଛି । ଏହି ବିଦ୍ୟାବଳରେ ଯେକୌଣସି ଧାତୁକୁ ସୁନାରେ ପରିଣତ କରାଯାଇପାରିବ । ଏହା ଶୁଣିବା ପରେ ରାଜାଙ୍କର ହୋସ୍ ଉଡ଼ିଗଲା, ଆଖିରୁ ନିଦ ହଜିଗଲା । ଧନ, ଦୌଲତ ଆକାଙ୍‌କ୍ଷାରେ ରାଜା କୌଣସି ପ୍ରକାରେ ବିଛଣାରେ ପଡ଼ିପଡ଼ି ରାତିଟି କଟାଇଲେ । ପରଦିନ ପ୍ରତ୍ୟୁଷରେ ମହାତ୍ମାଙ୍କ ନିକଟରେ ପହଞ୍ଚିବା ଦେଖି ମହାତ୍ମା ଆଶ୍ଚର୍ଯ୍ୟ ହୋଇ ଆସିବାର କାରଣ ପଚାରିଲେ । ରାଜାଙ୍କର ଉତ୍ତର ଥିଲା- ମୋତେ ସେହି ବିଶେଷ ବିଦ୍ୟା ଶିଖାଇ ଦିଅନ୍ତୁ । ମୁଁ ସେଥିରେ ପ୍ରାପ୍ତ ଅର୍ଥ ରାଜ୍ୟର କଲ୍ୟାଣ ଉଦ୍ଦେଶ୍ୟରେ ବିନିଯୋଗ କରିବି । ମହାତ୍ମା କହିଲେ- ଠିକ୍ ଅଛି, କାଲିଠାରୁ ତୁମେ ପ୍ରତ୍ୟହ ମୋର କୁଟୀରକୁ ଆସିବ ସେହି ମନ୍ତ୍ର ଶିକ୍ଷା ନିମନ୍ତେ । ବର୍ଷକ ପର୍ଯ୍ୟନ୍ତ ତୁମକୁ ପ୍ରତ୍ୟହ ଆସିବାକୁ ପଡ଼ିବ, ଏହା ଧ୍ୟାନ ରଖିବାକୁ ଦେବ । ରାଜା ରାଜି ହୋଇଗଲେ । ଆଶ୍ରମର ପରିବେଷ୍ଟନୀ ଓ ମହାତ୍ମାଙ୍କ ସତସଙ୍ଗ ଗଭୀର ଭାବରେ ପ୍ରଭାବିତ କରିଥିଲା ରାଜାଙ୍କୁ । ଏକବର୍ଷ ପ୍ରତ୍ୟହ ଆସିବା ଭିତରେ ରାଜାଙ୍କ ପ୍ରକୃତିରେ ଅଦ୍‌ଭୁତ ପରିବର୍ତ୍ତନ ପରିଲକ୍ଷିତ ହେଲା । ମହତ୍ମା ବର୍ଷେ ପରେ ଦିନେ ପଚାରିଲେ- ରାଜନ୍ ! ଏବେ ସେଇ ବିଦ୍ୟା ଶିକ୍ଷାର ସମୟ ହୋଇଗଲା । ରାଜାଙ୍କର ଉତ୍ତର ଥିଲା- ଏବେ ତ ମୁଁ ସ୍ୱୟଂ ସେହି ବିଶେଷ ବିଦ୍ୟା ହୋଇଯାଇଛି । ଆଉ କୌଣସି ପ୍ରକାର ବିଦ୍ୟା ଶିକ୍ଷାଲାଭର ଆକାଙ୍‌କ୍ଷା ମୋର ନାହିଁ । ଏହି ବିଦ୍ୟା ଆଉ କି କାମରେ ଆସିବ । ମୁଁ ତ' ସର୍ବଶ୍ରେଷ୍ଠ ବିଦ୍ୟା ଶିକ୍ଷା କରିସାରିଲିଣି ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ

କଳ୍ପବଟ ....

**ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।**

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଭାରତ ବିରୋଧୀ ଅପପ୍ରଚାର

ଡ ସମନ୍ୱୟ ନନ୍ଦ

ଭାରତରେ ଏପରି ଏକ ବର୍ଗ ରହିଛି ଯିଏ ସବୁବେଳେ ଭାରତର ଭାବମୂର୍ତ୍ତିକୁ ଖରାପ କରିବାରେ ଅତ୍ୟନ୍ତ ଆନନ୍ଦ ପାଇଥାଏ । ଏହି ବର୍ଗରେ ଗଣମାଧ୍ୟମ ପ୍ରତିନିଧି ସହିତ କିଛି ତଥାକଥିତ ଆଭିଜାତ୍ୟ ରହିଥାନ୍ତି । ଏହି ବର୍ଗର



ଲୋକ ମାନଙ୍କୁ ଭାରତର ଭଲ କାମ ଦେଖା ଯାଏ ନାହିଁ । ସେମାନେ ଭାରତ ବିରୋଧରେ ସବୁବେଳେ ଅପପ୍ରଚାର କରିବାରେ ବ୍ୟସ୍ତ ରହିଥାନ୍ତି ।

ଏବେ ଏହି ଭାରତ ବିରୋଧୀ ଅପପ୍ରଚାରର ନେତୃତ୍ୱ ନେଉଥିବା ବର୍ଗର ବିଭିନ୍ନ କାମ ଉପରେ ଆମେ ଦୃଷ୍ଟି ପକାଇବା । କିଛି ଇଂରାଜୀ ନ୍ୟୁଜ ପେପର ଓ କିଛି ଇଂରାଜୀ ୱେବସାଇଟ ଖବର ପ୍ରସାରିତ କଲେ ବର୍ତ୍ତମାନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଭିଡର ବି୧.୬୧୭କୁ ଏକ ଚିନ୍ତାଜନକ ଭାରିଆଂଟ ଭାବେ ବର୍ଗୀକୃତ କରିଛି । ଏହି ବର୍ଗର ସାମ୍ବାଦିକ ମାନେ ଏହି ଭାରିଆଂଟକୁ ଭାରତୀୟ ଭାରିଆଂଟ ବୋଲି ଉଲ୍ଲେଖ କରି ଖବର ପ୍ରସାରିତ କଲେ । କିଛି ଇଂରାଜୀ ସମ୍ବାଦପତ୍ର ଓ କିଛି ଇଂରାଜୀ ୱେବ ପୋର୍ଟାଲରେ ଏହାକୁ ଭାରତୀୟ ଭାରିଆଂଟ ବୋଲି କହି ଖବର ପ୍ରସାରିତ ହେବା ପରେ ସୋସିଆଲ ମିଡିଆରେ ଥିବା ଏହି ବର୍ଗର ଅନ୍ୟ ଆଭିଜାତ୍ୟ ମାନେ ଏହାକୁ ଜୋର ସୋରରେ ପ୍ରସାରିତ କରିବା ଆରମ୍ଭ କରି ଦେଲେ । ଏହି ଭାରତ ବିରୋଧୀ ଅପପ୍ରଚାରରେ ଲାଗିଥିବା ଗ୍ୟାଙ୍ଗର ଏକ ମାତ୍ର ଉଦ୍ଦେଶ୍ୟ ଥିଲା କରୋନାର ଏହି ଭାରିଆଂଟ ଭାରତୀୟ ବୋଲି ପ୍ରମାଣିତ କରିବା । ଯେପରି ଭାବେ କୁହା ଯାଏ ଯେ ତିନି ତୁଣ୍ଡରେ ଛେଳି କୁକୁର, ସେହିପରି ବାରମ୍ବାର ଏହି ଭାରିଆଂଟକୁ ଭାରତୀୟ ଭାରିଆଂଟ ବୋଲି ଉଲ୍ଲେଖ କରି ଏହା ଭାରତୀୟ ଭାରିଆଂଟ ବୋଲି ଜନ ମାନସରେ ସ୍ଥାପିତ କରିବା ତାଙ୍କର ଏକ ମାତ୍ର ଉଦ୍ଦେଶ୍ୟ ଥିଲା । ଏହି ଭାରତ ବିରୋଧୀ ଅପପ୍ରଚାରକାରୀ ଗ୍ୟାଙ୍ଗ ତାର କାମକୁ ସଠିକ ଭାବେ ଆଗେଇ ନେଉଥିଲା । ହେଲେ ଏହି ଫେକ ନ୍ୟୁଜର ପ୍ରଚାର ପ୍ରସାର ବହୁଳ ଭାବେ ହେବା କାରଣରୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ନେଇ ଏକ ସ୍ପଷ୍ଟୀକରଣ ଜାରୀ କରା ଯାଇଥିଲା ।

ଏହି ସ୍ପଷ୍ଟୀକରଣରେ କୁହା ଯାଇଥିଲା ଯେ –" ବିଭିନ୍ନ ଗଣମାଧ୍ୟମରେ ଏପରି ଖବର ପ୍ରକାଶ ପାଇଛି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ପକ୍ଷରୁ ବି୧.୬୧୭ କୁ ଏକ ବିଶ୍ୱସ୍ତରୀୟ ଚିନ୍ତାଜନକ ଭାରିଆଂଟ ଭାବେ ବର୍ଗୀକୃତ କରାଯାଇଛି । ଏଥିମଧ୍ୟରୁ କେତେକ ରିପୋର୍ଟରେ ବି୧.୬୧୭ ଭାରିଆଂଟ ବିଷୟରେ ଉଲ୍ଲେଖ କରାଯାଇ ଏହାକୁ "ଭାରତୀୟ ଭାରିଆଂଟ" ଭାବେ ବର୍ଗୀକୃତ କରାଯାଇଛି । ଏପରି ଗଣମାଧ୍ୟମ ରିପୋର୍ଟ ଭିତିହୀନ ଏବଂ ଏହାର କୌଣସି ଆଧାର ନାହିଁ । ଏଠାରେ ଏହା ସ୍ପଷ୍ଟ କରାଯାଉଛି ଯେ ଡବ୍ଲ୍ୟୁଏଚଓ ପକ୍ଷରୁ ପ୍ରକାଶିତ ୩୨ ପୃଷ୍ଠା ବିଶିଷ୍ଟ ଦସ୍ତାବିଜରେ କରୋନା ଭୂତାଣୁର ବି୧.୬୧୭ ଭାରିଆଂଟ ସହିତ "ଭାରତୀୟ ଭାରିଆଂଟ" ଶବ୍ଦ ଯୋଡ଼ା ଯାଇନାହିଁ । ବାସ୍ତବରେ, ଏ ମାମଲା ସହ ଜଡ଼ିତ ରିପୋର୍ଟରେ "ଭାରତୀୟ" ଶବ୍ଦର ଉପଯୋଗ ସୁଦ୍ଧା କରାଯାଇନାହିଁ ।"

ଭାରତ ସରକାରଙ୍କ ସ୍ପଷ୍ଟୀକରଣ ପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ । ଯଦି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଭାରିଆଂଟ ସହିତ ଜଡିତ ରିପୋର୍ଟରେ ଭାରତୀୟ ଶବ୍ଦର ପ୍ରୟୋଗ କରି ନାହିଁ ତେବେ ଏହି ସାମ୍ବାଦିକ ମାନେ ଉପରୋକ୍ତ ଭାରିଆଂଟ ସହିତ ଭାରତୀୟ ନାମକୁ କାହିଁକି ଯୋଡି ଖବର ପ୍ରସାରିତ କଲେ ? କେଉଁ ଆଧାରରେ ସେମାନେ ଭାରତକୁ ବଦନାମ କରିବାକୁ ଏପରି ପ୍ରୟାସ କରୁଥିଲେ ? ଏକଥା ସ୍ପଷ୍ଟ ଯେ ଏହି ଭାରିଆଂଟକୁ ଭାରତୀୟ ବୋଲି କହିବାର କୌଣସି ଆଧାର ନ ଥିବା ସତ୍ତ୍ୱେ ସେମାନେ ଏପରି କରୁଥିଲେ । ଏଥିରୁ ସ୍ପଷ୍ଟ ଯେ ଭାରତ ବିରୁଦ୍ଧରେ ସେମାନଙ୍କ ମନରେ କେତେ ଘୃଣା ଭାବ ଭରି ରହିଛି ।

ଏଠାରେ ଆଉ ଏକ ବିଷୟରେ ଚର୍ଚ୍ଚା କରିବା ଉଚିତ ହେବ । ଚୀନର ବୁହାନ ସହରରୁ କୋରୋନା ଭାଇରସ ବାହାରିଛି । ଏଥିରେ କୌଣସି ପ୍ରକାର ସନ୍ଦେହ ନାହିଁ । ବିଶ୍ୱର ସମସ୍ତ ଦେଶ ଏ ବିଷୟରେ ଏକମତ । ତେଣୁ କିଛି ଦେଶର ନେତା ଓ ସମ୍ବାଦପତ୍ର ଏହି ଭାଇରସକୁ ବୁହାନ ଭାଇରସ ବୋଲି ଲେଖିବା ଆରମ୍ଭ କରିଥିଲେ । ଚୀନ ଏହାକୁ ନେଇ ପ୍ରବଳ ପ୍ରତିକ୍ରିୟା ପ୍ରକାଶ କଲା । ସେତେବେଳେ ଭାରତରେ ରହିଥିବା ଚୀନର ସମର୍ଥକ ସାମ୍ବାଦିକ ମାନେ ମଧ୍ୟ ଏହାକୁ ନେଇ ଆପତି ବ୍ୟକ୍ତ କରିଥିଲେ । ସେମାନେ ଖୋଲା ଖୋଲି ଭାବେ କହୁଥିଲେ ଯେ ଏହାକୁ ବୁହାନ ବା ଚୀନର ଭାଇରସ କୁହା ଯିବା ଅନୁଚିତ । ଯଦି ଦେଖିବାକୁ ଯିବା ତେବେ ସେହି ଚୀନ ସମର୍ଥକ ଓ ବାମପନ୍ଥୀ ବିଚାରଧାରାର ସାମ୍ବାଦିକ ମାନେ ହିଁ ପରବର୍ତ୍ତୀ ଭାରିଆଂଟକୁ ଭାରତୀୟ ଭାରିଆଂଟ ବୋଲି କହି ଜୋର ସୋରରେ ଖବର ପ୍ରକାଶିତ କରିବାକୁ ଚେଷ୍ଟା କରିଥିଲେ । ଚୀନରୁ ଏହି ଭାଇରସର ଉତ୍ପତି ସତ୍ତ୍ୱେ ସେମାନଙ୍କୁ ଏହାକୁ ଚୀନ ଭାଇରସ କହିବାରେ ଆପତି ଥିଲା ହେଲେ ବିନା କୌଣସି ଆଧାରରେ ଭାରିଆଂଟକୁ ସେମାନେ ଭାରତୀୟ ଭାରିଆଂଟ ବୋଲି କହି ଫେକ ନ୍ୟୁଜ ପ୍ରଚାରିତ କରିବାରେ ସେମାନଙ୍କୁ ଆନନ୍ଦ ମିଳୁଥିଲା ।

ତେଣୁ ଏହି ଭାରତ ବିରୋଧୀ ଅପ ପ୍ରଚାର ଗ୍ୟାଙ୍ଗର ଏହା ହେଉଛି ଅସଲି ଚରିତ୍ର । ସେମାନେ ସେମାନଙ୍କର ମାଲିକ ଦେଶ ଚୀନ ସମର୍ଥନରେ ବାହାରିଥାନ୍ତି ଓ ଭାରତର ଭାବମୂର୍ତ୍ତି କୁ ଦେଶରେ ଓ ସମଗ୍ର ବିଶ୍ୱରେ ଖରାପ କରିବା ପାଇଁ ତଳ ସ୍ତରକୁ ଯାଇ ଫେକ ନ୍ୟୁଜର ସାହାରା ନେଇଥାନ୍ତି ।

ଭାରତ ବିରୋଧୀ ଅପପ୍ରଚାରକାରୀ ଗ୍ୟାଙ୍ଗ ଚୀନ ସହ ଉତେଜନାପୂର୍ଣ୍ଣ ପରିସ୍ଥିତି ସମୟରେ ମଧ୍ୟ ଭାରତ ବିରୋଧରେ କାମ କରନ୍ତି । ସେମାନେ ଏପରି ଖବର ପ୍ରସାରିତ କରିଥାନ୍ତି ଯାହା ଦ୍ୱାରା ଚୀନକୁ ଲାଭ ହେବ । ଭାରତକୁ ମନୋବୈଜ୍ଞାନିକ ଭାବେ ପରାଜିତ କରିବାକୁ ସେମାନେ ସମସ୍ତ ପ୍ରକାର କାମ କରିଥାନ୍ତି । ବାସ୍ତବରେ ଦେଖିବାକୁ ଗଲେ ଏହି ଭାରତ ବିରୋଧୀ ଅପପ୍ରଚାରକାରୀ ଗ୍ୟାଙ୍ଗ ଭାରତର ପାଣି ପବନରେ ବଂଚନ୍ତି ହେଲେ ସେମାନଙ୍କ ହୃଦୟ ଚୀନ ପାଇଁ କାମ କରେ ।

ଏବେ ଶେଷରେ କିଛି ଦିନ ତଳର ଏକ ଇଂରାଜୀ ସମ୍ବାଦପତ୍ରରେ ଏକ ଖବରର ଶୀର୍ଷକ ଉପରେ ଆଲୋଚନା କରିବା । ଏହି ଖବର କାଗଜରେ ଶୀର୍ଷକ ଥିଲା – 'ଇଣ୍ଡିଆ ଇଜ ଆଉଟ, ଚାଇନା ଇଜ ନାଓ ମେନ ଭ୍ୟାକ୍ସିନ ପ୍ରଭାଇଡର' । ଏହି ଶୀର୍ଷକରୁ ଖବର ଲେଖିଥିବା ବାମପନ୍ଥୀ ସାମ୍ବାଦିକଙ୍କ ମନର ପ୍ରସନ୍ନତା ସ୍ପଷ୍ଟ ଭାବେ ବାରି ହେଉଛି । ଭାରତ ଯେତେବେଳେ ବିଭିନ୍ନ ଦେଶ ମାନଙ୍କୁ ଭ୍ୟାକ୍ସିନ ଦେଉଥିଲା ସେତେବେଳେ ଉକ୍ତ ସାମ୍ବାଦିକଙ୍କୁ ଖୁବ କଷ୍ଟ ହେଉଥିଲା । ହେଲେ ସେ କିଛି କହି ପାରୁ ନ ଥିଲେ । ତେଣୁ ଏହି ଖବର ଲେଖିବା ବେଳେ ତାଙ୍କର ମନରେ ଲୁଚି ରହିଥିବା ଖୁସି ସ୍ପଷ୍ଟ ଭାବେ ପ୍ରକାଶ ପାଇଛି ।

ଆଗାମୀ ଦିନ ମାନଙ୍କରେ ଏହି ଭାରତ ବିରୋଧୀ ଅପ ପ୍ରଚାର ଗ୍ୟାଙ୍ଗ ଭାରତକୁ ଖରାପ ବୋଲି ପ୍ରଦର୍ଶିତ କରିବାକୁ ଆହୁରି କାମ କରିବ । ସେହିପରି ଚୀନକୁ ଏକ ମହାନ ଦେଶ ବୋଲି କହି ଗୁଣଗାନ ମଧ୍ୟ ଜାରୀ ରଖିବେ । ତେବେ ଏହି ଗ୍ୟାଙ୍ଗର ସଦସ୍ୟ ମାନଙ୍କୁ ଚିହ୍ନିବାର ଆବଶ୍ୟକତା ରହିଛି ।

# ଭୋକ ଓ ଭୂତାଣୁ ଏକ ମାରାତ୍ମକ ଘାତକ

ଡ. କିଶୋର ମହାନ୍ତି

ଭୋକ ଓ ଭୂତାଣୁ ସମାନ୍ତରାଳ ଭାବେର ସଂପ୍ରତି ଗତି କରି ଚାଲିଛନ୍ତି । ଯଦିଓ ଭୋକ ସର୍ବକାଳୀନ କିନ୍ତୁ ଭୂତାଣୁର ସ୍ଥିତି ସାମୟିକ । ଏହା ସତ୍ୟ ଯେ ଭୂତାଣୁ ଅପେକ୍ଷା ଭୋକ ଆହୁରି ଭୟଙ୍କର । ବିଶ୍ୱରେ ଭୋକ ଆଉ ଭୂତାଣୁ ମଣିଷ ଜୀବନ କୁ ଖିନ୍‌ଭିନ୍ କରିବାରେ ଲାଗିଛନ୍ତି । ଭୋକ ଦୀର୍ଘକାଳୀନ ଥିଲାବେଳେ ଭୂତାଣୁର ଭୟଙ୍କାରି ଓ ତାର ପ୍ରଭାବ ଜନଜୀବନ ଓ ଜୀବନ ଜୀବିକା ଉପରେ ଏତେ ବେଶୀ ଯେ ଜନ ଜୀବନ ଅସ୍ତବ୍ୟସ୍ତ ତଥା ନିଜର ଭାରସାମ୍ୟ ରକ୍ଷା କରିବା ସମ୍ଭବପର ନୁହେଁ – ଯାହା ସାଂପ୍ରତିକ ମଣିଷ ସମାଜରେ କରୋନା ମହାମାରୀର ତାଣ୍ଡବଲୀଳାରେ କେତେ ଜୀବନ ମୃତ୍ୟୁର ଦ୍ୱାର ଦେଶରେ ଉପନୀତ ତାହା ଆଜି ବେଶ ସୁସ୍ପଷ୍ଟ । ଏଣୁ ଏକଥା ସତ୍ୟ ଯେ ଭୋକ ଓ ଭୂତାଣୁ ମଣିଷ ଜୀବନର ଗତି ପ୍ରବାହକୁ ବାଧା ଦେବା ସଙ୍ଗେ ସଙ୍ଗେ ଯେଭଳି ଭତାଣୁର ପ୍ରକ୍ରିୟା ଓ ପ୍ରତିକ୍ରିୟା ମଣିଷର କଣ୍ଠରୋଧ କରୁଛି ତାହା ସ୍ପଷ୍ଟ ଅନୁମେୟ ଏବଂ ଖୁବ୍ ଦୁଃଖ ଦାୟକ । ଏହା ମଣିଷ ସମାଜ ପ୍ରତି ଏକ ବିପ୍ଲାତ କହିଲେ ଅତ୍ୟୁକ୍ତି ହେବନାହିଁ । କହିବାକୁ ଗଲେ ଭୋକ ଠାରୁ ବଡ଼ ଭୂତାଣୁଜଗତରେ ଆଉ କିଛି ନାହିଁ ବୋଲି କହିଲେ ଚଳେ । ସମାଜର ଉନ୍ନତି କ୍ଷେତ୍ରରେ ଭୋକ ହିଁ ପ୍ରଧାନ ଅନ୍ତରାୟ ଓ ବଡ଼ ଶତ୍ରୁ ।

ଭାରତରେ ଭୋକର ସ୍ଥିତି ଅତି ଶୋଚନୀୟ । ଏଠିକୁ ପୋଷଣର ବିକଟାଳ ରୂପ ଗରୀବ ଆଫ୍ରିକା ଦେଶଠାରୁ ଖୁବ୍ ଅଧିକ । ଏଠାକାର ୫୦ ଶତାଂଶ ମହିଳାଙ୍କର ରକ୍ତହୀନତା ଅନ୍ୟତମ କାରଣ । ବିଶେଷ କରି ୭୦ଶତାଂଶ ଭାରତର ଗ୍ରାମାଞ୍ଚଳ ଲୋକମାନଙ୍କର କୁପୋଷଣ ଓ ଖାଦ୍ୟାଭାବ ଖୁବ୍ ବେଶୀ । ବିଶେଷତଃ ଦେଶର ଆଦିବାସୀ ଜନଜାତି, ବସ୍ତିବାସୀ ମହିଳା ଓ ପାଞ୍ଚବର୍ଷରୁ ଉର୍ଦ୍ଧ୍ୱ ପିଲାମାନେ କୁପୋଷଣର ଅଧିକ ଭାବରେ ଶୀକାର ହେଉଛନ୍ତି । ଏଣୁକରି ପିଲାର ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏମାନଙ୍କର ତଦନୁରୂପେ ଉଚ୍ଚତା ବୃଦ୍ଧି ପାଉନାହିଁ । ଶକ୍ତି ଓ ସାମର୍ଥ୍ୟ ହରାଇ ବସି ବିକଳାଙ୍ଗ ହୋଇଯାଉଛନ୍ତି । ପ୍ରାୟତଃ ୩୦କୋଟି ଭାରତୀୟ ଭୋକ ଓ କୁପୋଷଣ ଦ୍ୱାରା ପ୍ରଭାବିତ ହେଉଛନ୍ତି ।

ଭାରତରେ ଖାଦ୍ୟ ବ୍ୟବସ୍ଥା ବ୍ରିଟିଶ ଶାସନ କାଳରୁ ବଡ଼ ସଙ୍କଟମୟ ପରିସ୍ଥିତି ଦେଇ ଗତି କରି ଆସୁଛି । ଓଡ଼ିଶାରେ ୧୮୮୬ ମସିହାରେ ହେଇଥିବା ନ'ଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଅସ୍ତିତ୍ୱ କୁ ଦୋହଲାଇ ଦେଇଥିଲା; କ୍ଷୁଧା ଅନାହାରରେ ଲୋକ ପୋକ ମାଛି ପରି ମରିଶୋଇଲେ । ସେହି ଶୋଚନୀୟ ଅବସ୍ଥାରେ ଚିତ୍ର ଏତେ ଭୟଙ୍କର ଥିଲା ଯେ ଇତିହାସ ଓ ଆମ ଲେଖକ ମାନେ ସେମାନଙ୍କର ଉପନ୍ୟାସରେ ଏହାର ଭୟାବହତା ଚିତ୍ରଣ କରିଯାଇଛନ୍ତି । ଅର୍ଥନୀତି ଓ ସାମାଜିକ ପ୍ରଗତିର ଅନ୍ତରାୟ ଘଟିଲା । ୧୯୪୩ ମସିହାରେ ବଙ୍ଗରେ ଘଟିଥିବା ଶୋଚନୀୟ ଓ ହୃଦୟ ବିଦାରକ ଦୁର୍ଭିକ୍ଷ । ୧୯୩୭ ମସିହାରେ ଭାରତକୁ ବର୍ମାଠାରୁ ଅଲଗା କରିଦିଆଗଲା । ସେତେବେଳେ ଭାରତକୁ ପ୍ରତିବର୍ଷ ଲକ୍ଷେଟନ୍‌ରୁ ଉର୍ଦ୍ଧ୍ୱ ଚାଉଳ ମିଳୁଥିଲା । ୧୯୪୭ ମସିହାରେ ଭାରତ ସ୍ୱାଧୀନତା ପାଇଲା ସତ କିନ୍ତୁ ଭୋକ ମଲାନି । ସେତେବେଳେ ବି ଭାରତକୁ ବିଭାଜିତ କରିଦିଆଗଲା । ଯାହାଫଳରେ କି ଧାନ ଓ ଗହମ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ବଙ୍ଗଳା ଓ ପଞ୍ଜାବର କେତେକ ସ୍ଥାନ ପାକିସ୍ଥାନ୍ ଅଧୀନକୁ ଚାଲିଗଲା ଏବଂ ଲକ୍ଷ ଲକ୍ଷ ଶରଣାର୍ଥୀ ଭାରତକୁ ଅନୁପ୍ରବେଶ କଲେ । ସ୍ୱାଧୀନତା ପରେ ପରେ ଭାରତ ଭୀଷଣ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଲା । ଯଦିଓ ଭାରତ କୃଷିପ୍ରଧାନ ଦେଶ, ହୁ ହୁ ହୋଇ ବଢୁଥିବା ଜନସଂଖ୍ୟା ଯୋଗୁ ସମସ୍ତଙ୍କୁ ଖାଦ୍ୟ ଯୋଗାଇବାରେ ଅକ୍ଷମତା ପ୍ରକାଶ ପାଇଲା । ଭୋକକୁ ରୋକିବାରେ ଆମେ ଏବେ ବି ସମ୍ପୂର୍ଣ୍ଣ ଭାବରେ ଅକ୍ଷମ ।

ସଂପ୍ରତି କ୍ଷୁଧା ହେଉଛି ଭାରତ ପାଇଁ ବଡ଼ ସମସ୍ୟା । ଯେଉଁଠି ପେଟ ପାଇଁ ମୁଠାଏ ଦାନା ନାହିଁ ସେଠି ବିକାଶର ସ୍ୱପ୍ନ ଦେଖିବା ନିରର୍ଥକ । ଏବେ ଭାରତ ଏଥିପାଇଁ ବିଶ୍ୱରେ ବିଶେଷ ଭାବେ ଚର୍ଚ୍ଚିତ । ନେପାଳ, ଶ୍ରୀଲଙ୍କା, ମିଆମାର, ପାକିସ୍ଥାନ, ବାଂଲାଦେଶ ଓ ଇଣ୍ଡୋନେସିଆ ଠାରୁ ପଛରେ ୯୪ତମ ସ୍ଥାନରେ ରହିଛି ଭାରତ ।

ଏକ ପରିସଂଖ୍ୟାନରୁ ଜଣା ପଡ଼ିଛି ଯେ ପୃଥିବୀରେ ୧୮୯.୨ କୋଟି ଲୋକ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ସେଥିରୁ ୧୪ ପ୍ରତିଶତ ଲୋକ ଭାରତର । ୫୧.୪ ପ୍ରତିଶତ ମହିଳା ଆନିମିଆ ବା ରକ୍ତହୀନତା ରୋଗ ଦ୍ୱାରା ଆକ୍ରାନ୍ତ । ୩୪.୫ ଶତାଂଶ ପାଞ୍ଚବର୍ଷରୁ କମ ପିଲାଙ୍କ ଅଭିବୃଦ୍ଧି ଘଟେନା । କୁପୋଷଣ କାରଣରୁ ପିଲାଙ୍କର ମୃତ୍ୟୁ ସଂଖ୍ୟାର ହାର ବୃଦ୍ଧି ପାଇବାରେ ଲାଗିଛି । କିଛି ପିଲା ନିମୋନିଆ, ଡ଼ାଏରିଆ ଓ ମ୍ୟାଲେରିଆ ଦ୍ୱାରା ପୀଡ଼ିତ । ଗ୍ଲୋବାଲ ଇଣ୍ଡେକ୍ସର ୨୦୧୯ ରିପୋର୍ଟ ଅନୁସରେ ୧୧୭ଟି ଦେଶ ଭିତରୁ ଭାରତର ସ୍ଥାନ ୧୦୨ ସ୍ଥାନରେ ରହିଛି ।

ଆଜିର କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ଦେଶର ଖାଦ୍ୟ ବ୍ୟବସ୍ଥାରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହେଉଛି । ସମସ୍ତଙ୍କୁ ଏ ମହାମାରୀରେ ଖାଦ୍ୟ ଯୋଗାଇ ଦେବା ଏତେ ଉତ୍ସାହ ଜନକ ନୁହେଁ – ଏହା ଅନ୍ତରାୟ ସୃଷ୍ଟି କରୁଛି । ଆବଶ୍ୟକ ପରିମାଣରେ ସୁବିଧାରେ ଓ ଶସ୍ତାରେ ବହୁ ପରିମାଣର ଫଳ ଓ ପନିପରିବା ମିଳୁନାହିଁ । ଏ ଅସମୟରେ ଖାଦ୍ୟବିନା ଖାଇବାକୁ ନପାଇ କିଛି କିଛି ବି ପ୍ରାଣ ହରାଉଛନ୍ତି । ଏ ବେଳେ ଗରିବ ଶ୍ରେଣୀର ତଥା ଦିନ ମଜୁରିଆ ବେଶୀ ହଇରାଣ ହେଉଛନ୍ତି । ହାତରେ ପଇସା ନାହିଁ, ତେଣୁ ଉପବାସ ବି ରହିଯାଉଛନ୍ତି । ଦେଖାଯାଇଛି ଅଧିକାଂଶ ଗାଁ ଗଣ୍ଡା ଲୋକମାନେ ଓଳିଏ ଖାଇଲେ ଓଳିଏ ଉପାସ ରହନ୍ତି । କେହି କେହି ପରିବାରରେ ଚୂଲି ଜଳେନା । ଭିକାରୀ ତଥା ବାରବୁଲାଙ୍କର ଅବସ୍ଥା ଅତି ଶୋଚନୀୟ । ତଥାପି ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେମାନଙ୍କର ଖାଦ୍ୟର ବ୍ୟବସ୍ଥା କରିଥିଲେ ମଧ୍ୟ ଏହା ସମୁଦ୍ରକୁ ଶଙ୍ଖେ ପରି । ଲକ୍ ଡ଼ାଉନ୍ ଓ ସଟ୍ ଡ଼ାଉନ୍ ବେଳେ ଲୋକମାନେ ପେଟରେ ଓଦାକନା ପକାଇ ଶୋଇ ଯିବାର ନଜିର ମଧ୍ୟ ରହିଛି । କାମଧନ୍ଦା ବନ୍ଦ, ମୂଲ ଲାଗିବା ବନ୍ଦ, ଏ ଅବସ୍ଥାରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପୋଷିବା ସହଜ ମଧ୍ୟ ନୁହେଁ – ଭୋକ ସାଙ୍ଗକୁ ଏବେ କରୋନା ଭୂତାଣୁ ଦାଉ ସାଧିଛି । ଜୀବନ ଓ ଜୀବିକା କ୍ଷେତ୍ରରେ ମଧ୍ୟ କରୋନା ପାଖରେ ହାର ମାନିଛି ମଣିଷ । ଭୂତାଣୁ ଯିବାର ନା ଧରୁନି । ସେଥିପାଇଁ ମଧ୍ୟ ଟୀକା ଏଯାବତ୍ ବାହାରି ପାରିଲା ନାହିଁ – କିଛି କିଛି ଲୋକ ନିଜ ନିଜର ବୃତ୍ତିରେ ଯୋଗ ଦେଲେଣି । ମଜୁରିଆ ମାନଙ୍କୁ କାମଧନ୍ଦା ଯୋଗାଇ ଦିଆଯାଉଛି ତଥାପି ଗୋଟାଏ ଭୟ ଓ ଆଶଙ୍କା କାବୁ କରି ଦେଇଛି । ପଦାକୁ ଗୋଡ଼ କାଢ଼ି ହେଉନାହିଁ ଏପରି ସ୍ଥଳେ, ଜୀବନ ଗତିଶୀଳ ହୋଇ ପାରୁନାହିଁ – ଏଣୁ ଭୋକ ଓ ଭୂତାଣୁର ସରଳାର୍ଥ ଆମ ପାଖରେ ଏବେ ଅସ୍ପଷ୍ଟ ନାହିଁ ।

ମୋବାଇଲ ନଂ-୯୪୩୭୭୨୮୪୭୫
kishoremohanty@gmail.com

# ଆସ, ସବୁଧର୍ମକୁ ସମ୍ମାନ ଦେବା

ପ୍ରୀତିରଂଜନ ଦାସ

ଉତ୍କଳ ବକ୍ଷରେ କେତେ ଯୋଗୀ, ଋଷି, ସାଧୁ ଜନ୍ମ ନେଇଛନ୍ତି, ତାହାର ହିସାବ ନାହିଁ । ସିଦ୍ଧି ମହାତ୍ମାଗଣ ଏହି ଭୂମିକୁ ପବିତ୍ର କରି ଚାଲିଛନ୍ତି । ସନ୍ଥ ଦର୍ଶନ ତୀର୍ଥ ଯାତ୍ରାରେ ଏଥର



ଦର୍ଶନ ମିଳିବ ଏପରି ଜଣେ ସନ୍ଥଙ୍କୁ, ଯାହାଙ୍କ ଆଗମନ ନିମନ୍ତେ ଭବିଷ୍ୟବାଣୀ କରିଥିଲେ, ପଂଚଦଶ ଶତାବ୍ଦୀରେ ପଂଚଶଖା ମଧ୍ୟରୁ ସିଦ୍ଧି ଭବିଷ୍ୟତ ପ୍ରବକ୍ତା ମହାପୁରୁଷ ଅଚ୍ୟୁତାନନ୍ଦ ଗୋସ୍ୱାମୀ । ସେହି ସନ୍ଥଙ୍କ ନାମ ହେଲା, ପ୍ରେମାଚାର୍ଯ୍ୟ ବାବା ମଧୁସୁଦନ । ପୁଣି ଅଚ୍ୟୁତାନନ୍ଦ ତାଙ୍କ ତତ୍ୱାବଧାନରେ କହିଥିଲେ, "ମଧୁ ଦାସ ଅଟେ ଭକତ ଚେତା, କିଶୋରୀ ନାମଟି ଅଟେ ଗୁପତା ।" ଶିବ କଳ୍ପ ନିର୍ଘଂଟରେ ବର୍ଣ୍ଣନା କରି ଯାଇଛନ୍ତି, "ମଧୁର କୂଳରେ ଜନମ ଲଭିବ, ମଧୁଦାସ ନାମେ ଖ୍ୟାତ, ପ୍ରାଚୀ କୂଳରେ ତା' ଆଶ୍ରମ ହୋଇବ, ଯାଗ ଯଜ୍ଞରେ ତା'ମତ ।" ଏହି ମାପୁରୁଷଙ୍କ ଜନ୍ମ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ, ଯେଉଁ ଗ୍ରାମର ନାମ ଶୁଣିଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିବ । ଗ୍ରାମର ନାମ ସ୍ୱର୍ଗ ବ୍ରହ୍ମପୁର । ୧୯୧୯ ମସିହା ଜ୍ୟୋଷ୍ଠ ମାସ ଶୁକ୍ଳ ପକ୍ଷ ପବିତ୍ର ଚମ୍ପକ ଦ୍ୱାଦଶୀ ତିଥିରେ ଧରା ପୃଷ୍ଠକୁ ଆଗମନ ହୋଇଥିଲା ଏହି ସନ୍ଥଙ୍କର । ଜନ୍ମ



ହେବାର ଆଠ ମାସରେ ଏକ ଅଦ୍ଭୁତ ଘଟଣା ଘଟିଲା । ଯାହା ମା'ଙ୍କୁ ପୁତ୍ରର ଭବିଷ୍ୟ ସଂପର୍କରେ ସୂଚନା ଦେଇଥିଲା । ମଧୁସୂଦନଙ୍କ ବିଶେଷତ୍ୱ ଥିଲା ପିଲାବେଳେ ସର୍ବଦା ଗୋଡ଼ ଛନ୍ଦି ଛିଡ଼ା ହେବା ସହିତ କୁଟ କୁଟ (କୃଷ୍ଣ) କହି ନାଚ କରୁଥିଲେ ।

ପୁରୀ ଜିଲ୍ଲା ଅନ୍ତର୍ଗତ ନୟାହାଟରେ ରହିଛି ମଧୁଙ୍କ ସାଧନାର ପୀଠ । ଯାହାର ନାମ ପ୍ରାଚୀ ଗୁରୁଧର୍ମ କ୍ଷେତ୍ର । ବର୍ଷକରେ ଏଠାରେ ୨୫ ରୁ ଉର୍ଦ୍ଧ୍ୱ ପର୍ବ ପାଳନ ହୋଇଥାଏ । ତନ୍ମଧ୍ୟରୁ ବାର୍ଷିକ ଗୁରୁଭକ୍ତ ସମ୍ମୀଳନୀ ଅନ୍ୟତମ । ସମସ୍ତ ଭକ୍ତ, ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଶ୍ରୀ ଗୁରୁଦେବଙ୍କୁ ଦର୍ଶନ କରିବା ଲାଗି ୧୯୬୭ ମସିହାରେ ପବିତ୍ର ଅକ୍ଷୟ ତୃତୀୟା ଦିନ ପ୍ରଥମ ଗୁରୁଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ତାହା ଆଜି ୫୫ ତମ ବାର୍ଷିକ ଗୁରୁଭକ୍ତ ସମ୍ମିଳନୀରେ ପଦାର୍ପଣ କରିଛଇ । ଏହି ଦିନ ଆମ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଦିନ । ଗୁରୁଦେବ ତାଙ୍କର ସମସ୍ତ ସନ୍ତାନ ଓ ଭକ୍ତ ମାନଙ୍କୁ ଏକ ସ୍ଥାନ ଓ ଏକ ସମୟରେ ଦେଖିବାକୁ ପାଇ ଆନନ୍ଦ ବିଭୋର ହୋଇଥାନ୍ତି ।

ସର୍ବଦା ମଧୁସୂଦନ କହନ୍ତି, "ସମସ୍ତଙ୍କର ଗୁରୁ ଏକ, ଐକ୍ୟଭାବଏକାକ୍ଷର ତତ୍ୱ ନବୁଝି ଯେଉଁମାନେ ତୁମ ଗୁରୁ ଜଣେ, ମୋ ଗୁରୁ ଜଣେ ବୋଲି ଭେଦ ଜ୍ଞାନ କରନ୍ତି, ସେମାନେ ଗୁରୁଙ୍କର ଅସଲ ସ୍ୱରୂପ ଜାଣନ୍ତି ନାହିଁ । ବେକରେ ପଦକ ପିନ୍ଧିଥାଆନ୍ତି, କିନ୍ତୁ ମାଳା ପିନ୍ଧନ୍ତି ନାହିଁ । ୧୯୪୦ ମସିହା ପୁରୀ ଜିଲ୍ଲା ନୟାହାଟ ଠାରେ ସେ ପ୍ରତିଷ୍ଠା କରିଥିଲେ ସର୍ବଧର୍ମ ସମନ୍ୱୟ ପୀଠ । ଯାହାକି ପ୍ରାଚୀ ଗୁରୁଧର୍ମ କ୍ଷେତ୍ର ଭାବେ ପରିଚିତ । ପ୍ରତ୍ୟେକ ଧର୍ମର, ପ୍ରତ୍ୟେକ ସଂପ୍ରଦାୟର ଓ ପ୍ରତ୍ୟେକ ଗୁରୁଙ୍କର ଲକ୍ଷ୍ୟ ଏକ । ଏହି ମହାନ ଉକ୍ତିକୁ ସତ୍ୟରେ ପ୍ରତିଷ୍ଠା କରିବା ପାଇଁ ସେ ଆଶ୍ରମ ପରିସରରେ ଗଢି ତୋଳିଥିଲେ ମହାମାନବ ମନ୍ଦିର । ସର୍ବଦା ଆଶ୍ରମରେ ଉଷୁନା ଅନ୍ନ ପ୍ରସାଦ ସହିତ ପିଠା ଓ ଅଲଣା ତିଆରି ପ୍ରସାଦ ଲାଗି ହୋଇଥାଏ ।

ଯାହାଙ୍କ କାର୍ଯ୍ୟ, ଆଚରଣ, ସତ୍ୟ, ଅହିଂସା, ଅକ୍ରୋଧ, ଇନ୍ଦ୍ରୀୟ ସଂଯମ, ଦୟା, କ୍ଷମା, ଧୈର୍ଯ୍ୟ, ଜ୍ଞାନ, ନିଷ୍କାମ ପ୍ରେମ, ସହନଶୀଳତା ଓ ସେବା ପ୍ରଭୃତି ଦ୍ୱାଦଶ ସଦ୍‌ଗୁଣାବଳୀର ବିକାଶ ସାଧନ ହିଁ ପ୍ରକୃତ ସର୍ବଧର୍ମ ସମନ୍ୱୟ ସତ୍ୟଧର୍ମ ବୋଲି ସେ ମତ ଦେଇଥିଲେ । ବର୍ଷକରେ ଥରେ ସମ୍ମିଳନୀରେ ଯୋଗ ଦେବା ପାଇଁ ଆହ୍ୱାନ ଦେଇ କହିଥିଲେ, "ହେ'ପ୍ରିୟ ଆତ୍ମନ୍, ଘେନିବୁ ଆନ୍ତରିକ ସ୍ନେହ, ତୋ ପାଇଁ ଅନ୍ତରରେ ଆହା, ଉଠେ କେତେ କୋହ, ଯୁଗେଯୁଗେ ତୋର ସହ ସଂପର୍କ ଅଭିନ୍ନ, ସତ ପଥେ ବେଗେ ଆସିଣ ହୁଅ ସମ୍ମିଳନ । ଆଜି ପବିତ୍ର ଅକ୍ଷୟ ତୃତୀୟା ୫୫ ତମ ବାର୍ଷିକ ଗୁରୁଭକ୍ତ ସମ୍ମିଳନୀ ପୁରପଲ୍ଲୀରୁ ଆରମ୍ଭ କରି ଦେଶ ବିଦେଶରୁ ସମସ୍ତ ଭକ୍ତ ପ୍ରତୀକ୍ଷା କରନ୍ତି । ଏହା ଏକ ଭାବଗର୍ଭକ ଅପୂର୍ବ ମିଳନ । ସମସ୍ତ ଭକ୍ତ, ଶ୍ରଦ୍ଧାଳୁ ଏହି ସମ୍ମିଳନୀରେ ଉପସ୍ଥିତ ରହି ଭାତୃଭାବ ସୃଷ୍ଟି କରିବା ସହିତ ଏହି ପୀଠରେ ୧୯୮୦ ମସିହାରୁ ଚାଲୁ ରହିଥିବା ବିଶ୍ୱର ମଙ୍ଗଳ ନିମିତ୍ତ ମହା ବିପତ୍ତି ନାଶନ ନାମ "ଓଁ କୃଷ୍ଣ ମଧୁସୁଦନ ବାସୁଦେବ ଜନାର୍ଦ୍ଦନ"ନାମ ଯଜ୍ଞରେ ସାମିଲ ହେବା ।

ଏହି ଅବସରରେ ବିଶ୍ୱରୁ ତୁରନ୍ତ ମହାମାରୀ 'କରୋନା ତାଣ୍ଡବ'ର ଅନ୍ତ ହେଉ, ଏହା ହିଁ ମୋର ଗୁରୁଦେବଙ୍କ ପାଖରେ ପ୍ରାର୍ଥନା ।

କଟକ, ମୋ-୯୪୩୭୨୭୪୪୮୮




## ଗରମ ସହି ନ ପାରି ଗଛରୁ ତଳକୁ ଖସି ଜୀବନ ହରାଇଲେଣି ଶତାଧିକ ବାଦୁଡ଼ି

ବାରିପଦା: ବାରିପଦା ପୌରପରିଷଦର କେନ୍ଦ୍ରସ୍ଥଳି ଗାନ୍ଧୀପାର୍କ ଓ ପାର୍କକୁ ଲାଗିଥିବା ବଡ଼ ପୋଖରୀ ଆଡ଼ି ସହ ଅଷ୍ଟଲିଙ୍ଗେଶ୍ୱର ପକ୍ଷୀ ବିହାର ଭିତରେ ରହିଥିବା ଗଛଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ବାଦୁଡ଼ି ରହିଥାନ୍ତି । ଗ୍ରୀଷ୍ମ ଋତୁରେ ତାପମାତ୍ରାରେ ବୃଦ୍ଧି ଘଟିଲେ ଏହି ବାଦୁଡ଼ିମାନେ ଗରମକୁ ସହି ନ ପାରି ଗଛରୁ ପାଚିଲା ଫଳ ଭଳି ତଳକୁ ଖସି ପଡ଼ନ୍ତି । ଏହି ସମୟରେ ତଳକୁ ଖସିପଡ଼ିଥିବା ବାଦୁଡ଼ିମାନଙ୍କୁ ପାଣି ପିଆଇ ସୁସ୍ଥ କରାଇବା ବଦଳରେ କେତେକ ହିଂସ୍ର ମଣିଷ ଏମାନଙ୍କୁ ନେଇ ତାର ମାଂସକୁ କାଟି ଖାଉଥିବା ବେଳେ ଅନ୍ୟ କେତେକ ପ୍ରତି କିଲୋଗ୍ରାମ ପିଛା ଏକ ହଜାରୁ ଟଙ୍କାରୁ ଆରମ୍ଭ କରି ୨/୩ ହଜାର ଟଙ୍କାରେ ଏମାନଙ୍କ ମାଂସକୁ ବିକ୍ରି କରିଥାନ୍ତି । ବାଦୁଡ଼ିମାନଙ୍କର ଏହି ପ୍ରକାରର ଦୁରାବସ୍ଥାକୁ ଦେଖି ବାରିପଦା ପୌରପରିଷଦର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ବନଖଣ୍ଡ ଅଧିକାରୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ସହ ଯୋଗାଯୋଗ କରି ବାଦୁଡ଼ିମାନେ ବସବାସ କରୁଥିବା ଗଛଗୁଡ଼ିକରେ ପାଣି ସ୍ପ୍ରେ କରାଇଥାନ୍ତି ଏବଂ ଏହି ପାଣି ସ୍ପ୍ରେ ବାଦୁଡ଼ିମାନଙ୍କ ଜୀବନକୁ ସୁରକ୍ଷିତ କରାଇ ଦେଇଥାଏ । ମାତ୍ର ୨୦୧୯ରେ ପୌରପରିଷଦର ବୋର୍ଡ଼ ଭାଙ୍ଗିଯିବା ପରେ ବାଦୁଡ଼ିମାନଙ୍କ ଉପରେ ପାଣି ସ୍ପ୍ରେ କରାଯିବା କାର୍ଯ୍ୟ ବନ୍ଦ ହୋଇଗଲା । ଏହି ସମୟରେ ଚଳିତ ବର୍ଷ ବାରିପଦା ସହର ଓଡ଼ିଶାର ଉତପ୍ତ ସହରରେ ପରିଣତ ହୋଇ ସାରିଥିବା ବେଳେ ବାଦୁଡ଼ିମାନଙ୍କ ସୁରକ୍ଷା ନିମନ୍ତେ କାହାରି ଆନ୍ତରିକତା ନଥିବାରୁ ଶହ ଶହ ସଂଖ୍ୟାରେ ବାଦୁଡ଼ି ତଳକୁ ଖସି ଜୀବନ ହରାଉଛନ୍ତି । ଏ ବିଷୟରେ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ୍ କରିନଥିଲେ ।

### ଭୁବନେଶ୍ୱରରେ ଟେଷ୍ଟିଂ ଓ ହସ୍ପିଟାଲରେ ଶଯ୍ୟା ବୃଦ୍ଧି ଦାବି କଲା ବିଜେପି

## କୋଭିଡ୍ ପରିସ୍ଥିତିରେ ବିଏମସି କମିଶନରଙ୍କୁ ରାଜଧାନୀବାସୀଙ୍କ ସମସ୍ୟା ଜଣାଇଲେ

ଭୁବନେଶ୍ୱର: ଭୁବନେଶ୍ୱରରେ କୋଭିଡ୍ ଚିକିତ୍ସା ପାଇଁ ଶଯ୍ୟା, ମେଡିସିନ, ଅକ୍ସିଜେନ ଅଭାବ କାରଣରୁ ପରିସ୍ଥିତି ସଂକଟାପନ୍ନ ହୋଇପଡିଛି । କୋଭିଡ୍ କାରଣରୁ ସୃଷ୍ଟି ହୋଇଥିବା ସାଂପ୍ରତିକ ପରିସ୍ଥିତିରେ ରାଜଧାନୀବାସୀଙ୍କ ମୌଳିକ ସମସ୍ୟା ସଂପର୍କରେ ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ସୋମବାର ବିଏମସି କମିଶନରଙ୍କୁ ସାକ୍ଷାତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରିଛନ୍ତି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡ଼ିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି ।

ଶ୍ରୀ ସିଂ କହିଛନ୍ତି ଯେ ପ୍ରତିଦିନ କୋଭିଡ୍ ସଂକ୍ରମଣ ଦୃତ ଗତିରେ ବଢି ଚାଲିଥିବାବେଳେ କୋଭିଡ୍ ପରିଚାଳନାରେ ଅନେକ ତୃଟି ଓ ଅବହେଳା ସ୍ପଷ୍ଟ ପରିଲକ୍ଷିତ ହେଉଛି । ପ୍ରଥମତଃ କୋଭିଡ୍ ଟେଷ୍ଟ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଇଛି । ଦ୍ୱିତୀୟତଃ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାବେଳେ ଚିକିତ୍ସା ପାଇଁ ଡାକ୍ତରଖାନାଗୁଡିକରେ ଶଯ୍ୟାର ଅଭାବ, ଔଷଧର ଅଭାବ ସହ ଅକ୍ସିଜେନର ଅଭାବ ମଧ୍ୟ ପରିଲକ୍ଷିତ ହେଉଛି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି । ଭୁବନେଶ୍ୱର ଏକ ଜନଗହଳିପୂର୍ଣ୍ଣ ଅଂଚଳ ହୋଇଥିବାରୁ ବିଭିନ୍ନ ଅଂଚଳକୁ ନିୟମିତ ଭାବେ ସାନିଟାଇଜ କରାଯାଉ ।

## କୋଭିଡ଼ ହସ୍ପିଟାଲରେ ଅକ୍ସିଜେନ ବ୍ୟବସ୍ଥା ଓ ଅଗ୍ନି ସୁରକ୍ଷା ଉପରେ ସତର୍କ ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

### - କୋଭିଡ଼ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନା ଅଧିକ ଫି ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
### - ତୃତୀୟ ଲହରୀ ପାଇଁ ଏବେ ଠାରୁ ସତର୍କ ଦୃଷ୍ଟି ରଖିବାକୁ ପରାମର୍ଶ

ଭୁବନେଶ୍ୱର: ଜିଲ୍ଲାସ୍ତରରେ କୋଭିଡ ଚିକିତ୍ସା କେନ୍ଦ୍ର ଗୁଡିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଏବଂ ମେଡିକାଲ ଅକ୍ସିଜେନ ସୁବିଧା ଉପରେ ୨୪ ଘଂଟିଆ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କୋଭିଡ ଚିକିତ୍ସା କରୁଥିବା ବେସରକାରୀ ମେଡିକାଲ ଉପରେ ସତର୍କ ଦୃଷ୍ଟି ରଖ । ସେମାନେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଭିତରେ ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ କରିବାକୁ ବାଧ୍ୟ । ଯଦି ସେମାନେ ଏହା ନ କରନ୍ତି, ତେବେ ସଂପୃକ୍ତ ହସ୍‌ପିଟାଲ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅଧିକ କୋଭିଡ ସଂଖ୍ୟା ଥିବା ଅଂଚଳ ଗୁଡିକରେ ଟେଷ୍ଟିଂ, ଟ୍ରେସିଂ ଓ କଂଟେନମେଂଟକୁ ଜୋରଦାର କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ କୋଭିଡ ପରିଚାଳନା ସଂପର୍କିତ ବୈଠକରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଇସିୟୁ ଓ ଏଚଡିୟୁ ଦାୟିତ୍ୱରେ ଥିବା ଡାକ୍ତରମାନଙ୍କ ଠାରୁ ସିଧାସଳଖ ଫିଡବ୍ୟାକ୍ ନେଇ ସେମାନଙ୍କ ମତାମତ ଭିତିରେ ପଦକ୍ଷେପ ନିଅ ।

ଟୀକାକରଣ କାର୍ଯ୍ୟକ୍ରମ ପାଇଁ ତ୍ରୁଟି ଶୂନ୍ୟ ବ୍ୟବସ୍ଥା କରିବା , ବୟସ୍କ, ମହିଳା ଓ ଦୁର୍ବଳ ଶ୍ରେଣୀର ଲୋକଙ୍କର ଯତ୍ନ ନେବା କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କୋଭିଡ ହସ୍‌ପିଟାଲ ଗୁଡିକରେ ହେଲ୍‌ପ ଲାଇନ ଗୁଡିକୁ ଅଧିକ କ୍ରିୟାଶୀଳ କରାଯାଉ ଏବଂ ରୋଗୀଙ୍କ ପରିବାର ବର୍ଗଙ୍କୁ ନିୟମିତ ସୂଚନା ଦିଆଯାଉ ।ଏଭଳି କଠିନ ସମୟରେ ଦୁଃଖ ଓ ଦୈନ୍ୟରେ ଥିବା ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ବ୍ୟବହାର କରି ସାହାଯ୍ୟ କର । ଏହି ଯୁଦ୍ଧ ବହୁତ ଲମ୍ବା । ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ଲକ୍‌ଡାଉନ ଲାଗୁ କରାଯାଇଛି । ଏହା ଠିକ୍ ଚାଲିଥିଲେ ମଧ୍ୟ କେତେକ ସ୍ଥାନରେ ଏଥିରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆମେ ସଫଳତା ପାଇଛୁ ଏବଂ ଏହି କୋଭିଡ ମହାମାରୀ କ୍ଷେତ୍ରରେ ମଧ୍ୟ ଏହା ହିଁ ଉପଯୁକ୍ତ ପନ୍ଥା । ତେଣୁ ସହରାଂଚଳରେ ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ଅନୁଷ୍ଠାନ ଓ ଗ୍ରାମାଂଚଳରେ ପଂଚାୟତ ପ୍ରତିନିଧି ମାନଙ୍କ ସକ୍ରିୟ ସହଯୋଗରେ ଲୋକଙ୍କ ସହାୟତା କରଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ମହାମାରୀକୁ ନିୟନ୍ତ୍ରଣ କରିବାକୁ ଟୀକାକରଣ ହେଉଛି ଆମର ମୁଖ୍ୟ ରଣନୀତି । ପରିସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ସମସ୍ତଙ୍କୁ ସତର୍କ ହେବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ମାସ୍କ ବ୍ୟବହାର, ହାତ ଧୁଆ ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ ଅନାବଶ୍ୟକ ଭାବେ ବାହାରେ ନ ବୁଲି ଘରେ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।ବୈଠକରେ ଆଲୋଚନା ସମୟରେ ତୃତୀୟ ଲହରୀର ସମ୍ଭାବନା ସଂପର୍କରେ ତଥ୍ୟ ସଂଗ୍ରହ ସହିତ ସମ୍ଭାବ୍ୟ ମୁକାବିଲା ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ପୁରୀରେ ରଥଯାତ୍ରା ପୂର୍ବରୁ ସମସ୍ତ ସେବାୟତ ଓ ସେମାନଙ୍କ ପରିବାରବର୍ଗଙ୍କ ସଂପୂର୍ଣ୍ଣ ଟୀକାକରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ ଯେ କୋଭିଡ ଅବଜରଭର ମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି । ଅକ୍‌ସିଜେନ ବ୍ୟବସ୍ଥାର ୨୪ ଘଂଟିଆ ତଦାରଖ କରାଯାଉଛି । କୋଭିଡ କେୟାର କେନ୍ଦ୍ର ଗୁଡିକରେ ଅଧିକ ଆଇସିୟୁ ଓ ଭେଂଟିଲେଟର ଶଯ୍ୟାର ବ୍ୟବସ୍ଥା କରାଯାଇଛି ଏବଂ ଆହୁରି ଅଧିକ ଶଯ୍ୟା ପାଇଁ ପଦକ୍ଷେପ ଜାରି ରହିଛି ।

ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ ପି.କେ. ମହାପାତ୍ର କୋଭିଡ ପରିସ୍ଥିତି ଉପରେ ଏକ ଉପସ୍ଥାପନା ରଖି କହିଥିଲେ ଯେ ସାରା ବିଶ୍ୱରେ ବର୍ତ୍ତମାନ ଭାରତର କୋଭିଡ ସଂକ୍ରମଣ ସଂଖ୍ୟା ୫୪ ପ୍ରତିଶତ ରହିଛି । ଓଡିଶାରେ ବର୍ତ୍ତମାନର ସ୍ଥିତି ସଂପର୍କରେ ଆଲୋକପାତ କରି ସେ କହିଥିଲେ ଯେ ଓଡିଶାର କୋଭିଡ ସଂଖ୍ୟା ବର୍ତ୍ତମାନ ଦେଶର କୋଭିଡ ସଂଖ୍ୟାର ୨.୭ ପ୍ରତିଶତ ରହିଛି । ସର୍ବଭାରତୀୟ ସ୍ତରରେ ମୃତ୍ୟୁ ହାର ୧.୦୯ ଓ ଓଡିଶାରେ ଏହା ୦.୪୦ ରହିଛି । ଖୋର୍ଦ୍ଧା ଓ କଟକ ଜିଲ୍ଲା ବ୍ୟତୀତ ଛତିଶଗଡ ସୀମାରେ ଜିଲ୍ଲା ଗୁଡିକରେ ଅଧିକ ପଜିଟିଭ କେସ୍ ରହୁଛି । ଓଡିଶାର ବର୍ତ୍ତମାନ ଟେଷ୍ଟ ପଜିଟିଭିଟି ଗତ ୧୫ ଦିନ ଧରି ୨୦.୨ ରହିଛି । ରାଜ୍ୟରେ ବର୍ତ୍ତମାନ ଦୈନିକ ୫୨.୯ ମେଟ୍ରିକ ଟନ୍ ଅକ୍‌ସିଜେନ ଖର୍ଚ୍ଚ ହେଉଛି ।

ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ କୋଭିଡ ନିୟମାବଳୀର ଅନୁପାଳନ ଦିଗରେ ପୋଲିସର ପଦକ୍ଷେପ ସଂପର୍କରେ ସୂଚନା ଦେବା ସହିତ କହିଥିଲେ ଯେ କୋଭିଡ ନିୟମାବଳୀର ଉଲଘଂନ ପାଇଁ ବର୍ତ୍ତମାନ ସୁଦ୍ଧା ୨୮ କୋଟି ୯୧ ଲକ୍ଷ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ବିଭିନ୍ନ କୋଭିଡ ଚିକିତ୍ସାଳୟରେ ଅଗ୍ନି ନିୟନ୍ତ୍ରଣ ସଂପର୍କରେ ନିଆଯାଉଥିବା ପଦକ୍ଷେପ ଉପରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୂଚନା ଦେଇଥିଲେ । ବୈଠକରେ ସମ୍ବଲପୁର, ବରଗଡ, ପୁରୀ, କଟକ ଓ ଭୁବନେଶ୍ୱର ମହାନଗର ନିଗମରେ କୋଭିଡ ପରିଚାଳନା ସଂପର୍କରେ ଜିଲ୍ଲାପାଳ ଓ କମିଶନର ମାନେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ବୈଠକକୁ ସଂଯୋଜନା କରିଥିଲେ ।

### ପରିବାର ଆଗକୁ ଆସିଲେନି

## କରୋନା ମୃତ ସଂସ୍କାର କଲେ ସ୍ୱେଚ୍ଛାସେବୀ

କେନ୍ଦୁଝର: କରୋନା ଆକ୍ରାନ୍ତ ହୋଇ ଶୁଆକାଟୀରେ ହୋମ ଆଇସୋଲେସନରେ ଥିବା ଜଣେ କୋଭିଡ ପଜିଟିଭ ଆସିଥିଲା । ଏହା ପରେ ସେ ଘରେ ସଂଘରୋଧ ହୋଇ ଥିଲେ । ଗତ କାଲି ରାତି ଅପରାହ୍ନ ହେବା ପରେ ଶୁଆକାଟୀ ନାଏବ ସରପ□ ପ□ାନନ ବାରିକ,ଶୁଆକାଟୀ ୧୩ ଓ୍ୱାର୍ଡର ଓ୍ୱାର୍ଡ ମେମ୍ବର



କରୋନା ଆକ୍ରାନ୍ତ ପ୍ରହଲ୍ଲାଦ ସେଠୀଙ୍କ ଗତ କାଲି ଅପରାହ୍ନରେ ମୃତ୍ୟୁ ହୋଇଥିଲା । ମୃତ୍ୟୁ ପରେ ଶବକୁ ଛୁଇଁଲେ କେହି ନାହିଁ କି ଆଜି ଶବ ସଂସ୍କାର ପାଇଁ ପରିବାର ଲୋକ ମଧ୍ୟ ଆଗକୁ ଆସିଲେନି । ଶୁଆକାଟୀ ମାଇନିଂ ଛକରେ ରହୁଥିବା ପ୍ରହଲ୍ଲାଦ ସେଠୀଙ୍କୁ(୬୩) କିଛି ଦିନ ହେବ ଜ୍ୱର ହେବା ପରେ କରୋନା ପରୀକ୍ଷା ପରେ ୪.୩୦ ତାଙ୍କର ମୃତ୍ୟୁ ହେବା ପରେ ଗାଁ ଲୋକ ମଧ୍ୟ କେହି ଆସିଲେ ନାହିଁ କି ସଂସ୍କାର ପାଇଁ ସହଯୋଗର ହାତ ବଢାଇଲେ ନାହିଁ । ଆଜି ୧୧ଟାରେ ପର୍ଯ୍ୟନ୍ତ ମୃତ ଦେହ ଘର ବାରଣ୍ଡାରେ ପଡି ରହିଥିଲା । ସ୍ଥାନୀୟ ପ୍ରଶାସନ ପକ୍ଷରୁ ବହୁ ଚେଷ୍ଟା ସ□ େକେହି ଶବ ସତ୍କାର ପାଇଁ ଆଗକୁ ଆସିଲେନି । ଶେଷରେ ଏହି ଖବର ପ୍ରଚାରିତ ସୌମ୍ୟରଞ୍ଜନ ସାହୁ,ସମାଜସେବୀ ଅଞ୍ଜନ କୁମାର ବେଜ ତାଙ୍କ ଘରକୁ ଯାଇ ବାରଣ୍ଡାରେ ପଡିଥିବା ଶବକୁ ସଂସ୍କାର ପାଇଁ ଆଣିଥିଲେ । ପିପିଇ କିଟ ପିନ୍ଧି ଶୁଆକାଟୀ କଲେଜ ପଡିଆ ପଛ ପଟେ ସଂସ୍କାର କରାଯାଇଥିଲା । ଶବ ସଂସ୍କାର ବେଳେ ତାଙ୍କ ପୁଅ ସୂର୍ଯ୍ୟକାନ୍ତ ସେଠୀ,ବାଂଶପାଳ ବିଡିଓ ଉଗ୍ରସେନ ଓରାମ,ତହସିଲଦାର ସପନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଗକୁ ସ୍ଥିତି କଣ ହେବ, ଆକଳନ କରିହେଉନାହିଁ

ଭୁବନେଶ୍ୱର: କୋଭିଡ଼ ପଜିଟିଭ ହେଲେ ତରବର ହୋଇ ହସ୍ପିଟାଲ ଆସନ୍ତୁ ନାହିଁ । ହୋମ୍ ଆଇସୋଲେସନରେ ରହନ୍ତୁ, ଯାହାକୁ ଜରୁରୀ ସେ ହସ୍ପିଟାଲ ଆସନ୍ତୁ । ପଜିଟିଭ୍ ଚିହ୍ନଟ ହେଲେ ଘରେ ରହନ୍ତୁ । ଘରେ ରହି ପ୍ରଶାସନ ସହ ଯୋଗାଯୋଗ କରି ଚିକିତ୍ସିତ ହୁଅନ୍ତୁ । ଯଦି ଅବସ୍ଥା ଗୁରୁତର ହେଲା ଆମ୍ବୁଲାନ୍ସ ଯାଇ ଆଣିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି । ଏହାସହ ଜଣେ ଗୁରୁତର ରୋଗୀକୁ ହସ୍ପିଟାଲରେ ଚିକିତ୍ସା ସୁବିଧା ଦିଅନ୍ତୁ ବୋଲି ସମସ୍ତଙ୍କୁ ଅପିଲ୍ କରିଛନ୍ତି ।

ସେ କହିଛନ୍ତି ଯେ ରାଜ୍ୟରେ ଏବେ ୩୩% ସାଧାରଣ ବେଡ୍, ୬୯% ଆଇସିୟୁ , ୩୫% ଭେଂଟିଲେଟର ବ୍ୟବହୃତ ହେଉଛି । ରାଜ୍ୟରେ ଅକ୍ସିଜେନର କୌଣସି ଅଭାବ ହେବ ନାହିଁ । ୪୩ ହଜାର ରେମଡେସିଭିର ଷ୍ଟକ୍ ଅଛି । କୋଭିଡ୍ ନିୟମ ମାନିଲେ ହିଁ କରୋନାକୁ ଆମେ ରୋକିପାରିବା ।କୋଭିଡ୍ ନିୟମ ମାନନ୍ତୁ, ମାସ୍କ ପିନ୍ଧନ୍ତୁ, ଗହଳି କରନ୍ତୁନି କି ଗହଳି ସ୍ଥାନକୁ ଯାଆନ୍ତୁ ନାହିଁ ବୋଲି ସେ ପରାମର୍ଶ ଦେଇଛନ୍ତି ।

କରୋନା ସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ଦ୍ୱିତୀୟ ଲହରୀ ଏତେ ଭୟାନକ ହେବ ବୋଲି କେହି ଭାବିନଥିଲେ । ଦେଶରେ ୮ ଦିନ ହେଲା ୩.୫ ଲକ୍ଷରୁ ଅଧିକ କେସ୍ ଆସୁଛି । ଏବେ ଦେଶର ୮୦ ପ୍ରତିଶତ କେସ୍ ୮/୯ଟି ରାଜ୍ୟରୁ ଆସୁଛି । ଆଉ ସଂକ୍ରମଣରେ ଜାତୀୟ ହାରରେ ଓଡ଼ିଶାର ଭାଗ ପ୍ରାୟ ୧.୮% ରହିଛି । ଏହାସହ ଆଜି ସଂକ୍ରମଣରେ ସର୍ବକାଳୀନ ରେକର୍ଡ ୮୬୮୧ ରହିଛି । ଏହାସହ ଆମେ ରାଜ୍ୟରେ ଟେଷ୍ଟିଂ ବଢ଼ାଇଛୁ, ୨୫ ହଜାର ଆରଟିପିସିଆର ଲକ୍ଷ୍ୟ ରଖାଯାଇଛି । ପଶ୍ଚିମବଙ୍ଗ, ଛତିଶଗଡ଼ ସୀମା ସିଲ୍ କରି ସଂକ୍ରମଣ ନିୟନ୍ତ୍ରଣ ଚେଷ୍ଟା କରାଯାଉଛି । ଦେଶର ସ୍ଥିତି କେଉଁ ଆଡ଼କୁ ଯିବ, କେହି ଆକଳନ କରିପାରୁନାହାନ୍ତି । ତେଣୁ ଯେତେ ପଦକ୍ଷେପ ନେଲେ ବି କୋଭିଡ ଲହର ଏପର୍ଯ୍ୟନ୍ତ କମିନାହିଁ । ହସ୍ପିଟାଲ ବ୍ୟବସ୍ଥା ଅନୁଯାୟୀ ଏବେ ଠିକ ଅବସ୍ଥାରେ ଅଛୁ । ଏହାସହ ଆଗକୁ ସ୍ଥିତି କଣ ହେବ, କିଛି ଆକଳନ କରିହେଉନାହିଁ ବୋଲି କହିଛନ୍ତି ପ୍ରଦୀପ୍ତ ମହାପାତ୍ର ।

ଅପରପକ୍ଷରେ ରାଜ୍ୟରେ ପ୍ରାୟ ୧.୯୩ କୋଟି ୧୮ରୁ ୪୪ ବର୍ଷର ଲୋକ ଅଛନ୍ତି । ସମସ୍ତଙ୍କୁ ମାଗଣାରେ ଟିକା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଟିକା ପାଇଁ ଦୁଇ କଂପାନୀକୁ ରାଜ୍ୟ ସରକାର ଅର୍ଡର କରିଛନ୍ତି । କେବେ ଆମ ପାଖରେ ଟିକା ପହଂଚିବ, କିଛି ସ୍ପଷ୍ଟ ସୂଚନା ମିଳିନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ।

କରୋନା ଟିକା ପହଂଚିଲେ ୧୮-୪୪ ବର୍ଗଙ୍କୁ ଟିକାକରଣ ଆରମ୍ଭ କରାଯିବ । ଟିକା କିଣା ବାବଦରେ ଗତକାଲି ଔଷଧ ନିଗମକୁ ୭୦୦ କୋଟି ଦେଇଛୁ । ସମସ୍ତେ ଟିକା ପାଇଁ ପଂଜୀକରଣ କରନ୍ତୁ, ଟିକା ଆସିଲେ ଦିଆଯିବ । ପ୍ରଥମ ଡୋଜ୍ ନେଇଥିବା ବ୍ୟକ୍ତିଙ୍କୁ ୨ୟ ଡୋଜ ପାଇଁ ଅଗ୍ରାଧିକାର ମିଳିବ ବୋଲି ସେ କହିଛନ୍ତି ।

## ଭାକ୍ସିନ ଟୋକନ ଆବଂଟନ, ସାନିଟାଇଜେସନ ଓ କୋଭିଡ୍ ସହାୟକ ଚୟନରେ ସ୍ୱଚ୍ଛତା ରହୁ : ବାବୁ ସିଂ

ଭୁବନେଶ୍ୱର: କରୋନା ସଂକ୍ରମଣ ସମୟରେ ଭୁବନେଶ୍ୱରରେ ଶାସକ ବିଜେଡି ଦଳର ନେତୃବୃନ୍ଦମାନେ ପ୍ରଶାସନ କଳକୁ ଅପବ୍ୟବହାର କରି ପାତର ଅନ୍ତର ବ୍ୟବହାର ପ୍ରଦର୍ଶନ କରୁଥିବା ବିଜେପି ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ ବିଏମସି କମିଶନରଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

ପ୍ରତିଦିନ ରାଜଧାନୀ ଭୁବନେଶ୍ୱରରୁ ବହୁ ସଂଖ୍ୟାରେ କରୋନା ସଂକ୍ରମଣରେ ସଂକ୍ରମିତ ହେଉଛନ୍ତି । ଏହି ସଂକ୍ରମଣକୁ ପ୍ରତିହିତ କରିବା ପାଇଁ ଶୃଙ୍ଖଳିତ ବ୍ୟବସ୍ଥାରେ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଦଳମତ ନିର୍ବିଶେଷରେ ସାଧାରଣ ଭୁବନେଶ୍ୱରବାସୀଙ୍କ ହିତକୁ ପ୍ରାଧାନ୍ୟ ଦେବା ନିହାତି ଆବଶ୍ୟକ । ବିଶେଷ ଭାବେ ଭାକ୍ସିନ ଟୋକନ ଆବଂଟନ, ସାନିଟାଇଜେସନ ଏବଂ କୋଭିଡ୍ ସହାୟକ ଚୟନରେ ସ୍ୱଚ୍ଛତା ରହିବା ଜରୁରୀ । ମାତ୍ର ଏହି ସମସ୍ତ କାର୍ଯ୍ୟ ବିଜେଡି କର୍ମୀ, ପୂର୍ବତନ କର୍ପୋରେଟର ଏବଂ ଶାସକ ବିଜେଡି ନେତୃବୃନ୍ଦଙ୍କ ମାଧ୍ୟମରେ ବଂଟନ କରାଯାଉଥିବା କାରଣରୁ ସାଧାରଣ ଜନତା ହଇରାଣର ଶିକାର ହେଉଛନ୍ତି । ଓ୍ୱାର୍ଡ ସ୍ତରରେ ନିଯୁକ୍ତ ହେଉଥିବା କୋଭିଡ ସଚେତକ ମଧ୍ୟ ଶାସକ ବିଜେଡି ସମର୍ଥକ ଆଧାରରେ ହେଉଥିବାର ପରିଲକ୍ଷିତ ହୋଇଛି । ଟେଷ୍ଟିଂ ସଂଖ୍ୟା ବୃଦ୍ଧି କରାଯାଇ ସଂକ୍ରମିତଙ୍କ ଟ୍ରାକିଂ, ଟ୍ରେସିଂ ଏବଂ ଟ୍ରିଟ୍‌ମେଂଟକୁ ଗୁରୁତ୍ୱ ଦିଆଯାଉ । ସେହିପରି ରାଜଧାନୀରେ ଅଧିକ ସଂଖ୍ୟାରେ ଡାକ୍ତରଖାନା ଥିବା କାରଣରୁ ସହରରେ ଆମ୍ବୁଲାନ୍ସ ସେବାକୁ ଆହୁରି ତ୍ୱରାନ୍ୱିତ କରିବାକୁ ଦାବୀ କରାଯାଇଛି । ବିଏମସି କମିଶନର ଏହି ଟାଳଟୁଳ ନୀତି ବିରୁଦ୍ଧରେ ତୁରନ୍ତ ହସ୍ତକ୍ଷେପ କରି ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ବିଜେପି ଜିଲ୍ଲା ତରଫରୁ ଦାବୀ କରାଯାଇଛି ।

ଆଜି ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବିଏମସି କମିଶନରଙ୍କୁ ସାକ୍ଷାତ କରି ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ଦାବୀ ଜଣାଇଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଏବଂ ହରେକୃଷ୍ଣ ଖୁଂଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

### ଓଜେଇଇ ଆବେଦନ ଜୁନ୍ ୧୫ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୧୪।୫(ପି.ଏନ): ଓଡିଶା ଜଏଂଟ ଏଂଟ୍ରାନ୍ସ ଏକଜାମିନେସନ୍ (ଓଜେଇଇ) ପାଇଁ ଆବେଦନ ଅବଧି ଜୁନ୍ ୧୫ କୁ ବୃଦ୍ଧି କରାଯାଇଛି । ସେହିପରି ଫି ଦାଖଲର ଶେଷ ତାରିଖ ଜୁନ୍ ୧୭କୁ ବୃଦ୍ଧି କରାଯାଇଛି । କରୋନା ସଂକ୍ରମଣକୁ ରୋକିବା ପାଇଁ ସାରା ରାଜ୍ୟରେ ଲକ୍ ଡାଉନ୍ ଜାରି ରହିଥିବାରୁ ଏହି ନିଷ୍ପତି ନିଆଯାଇଛି । ପୂର୍ବରୁ ଓଜେଇଇ ଆବେଦନ ଅବଧି ମଇ ୧୫ ଯାଏ ଥିଲା ଏବଂ ଜୁନ୍ ୧୭ରୁ ୨୪ ଯାଏଁ ପରୀକ୍ଷା ପାଇଁ ଧାର୍ଯ୍ୟ କରାଯାଇଥିଲା ।

## କୋଭିଡ ପାଇଁ ଜିଲ୍ଲାସ୍ତରୀୟ ହେଲ୍ପଲାଇନ ନମ୍ବର ଜାରି କଲା ଏବିଭିପି

ଭୁବନେଶ୍ୱର: ରାଜ୍ୟରେ କରୋନାର ସ୍ଥିତିକୁ ଦୃଷ୍ଟିରେ ରଖି ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଜିଲ୍ଲା ସ୍ତରୀୟ ହେଲ୍ପଲାଇନ ନମ୍ବର ଜାରି ହୋଇଛି । ସମାଜର ସବୁ ବର୍ଗର ବ୍ୟକ୍ତିବିଶେଷ ବିଶେଷ କରି ଛାତ୍ରଛାତ୍ରୀ ମାନେ ଏହି ସେବାର ଲାଭ ପାଇପାରିବେ । ପୂର୍ବରୁ ଏବିଭିପି ତରଫରୁ ଜାତୀୟ ସ୍ତରୀୟ ଓ ପ୍ରାନ୍ତ ସ୍ତରୀୟ ହେଲ୍ପଲାଇନ ନମ୍ବର ଜାରି ହୋଇଥିଲା । ସୋମବାର ଦିନ ଅନଲାଇନରେ ଏବିଭିପି ତରଫରୁ ବିଭିନ୍ନ ଅତ୍ୟାବଶ୍ୟକ ସେବା ପାଇଁ ଜିଲ୍ଲାସ୍ତରୀୟ ହେଲ୍ପଲାଇନ ନମ୍ବର ଜାରି ହୋଇଛି । ଏଥିରେ ଅତିଥି ଭାବରେ ବିଶିଷ୍ଟ ଆୟୁର୍ବେଦିକ ଡାକ୍ତର ତଥା ଜିଜ୍ଞାସା ଫୋରମର ପ୍ରାନ୍ତ ପ୍ରମୁଖ ଡ ସୁସ୍ମିତା ଓତା ଓ ପରିଷଦର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଗୋବିନ୍ଦ ନାୟକ ଉପସ୍ଥିତି ଥିଲେ ।

## [redacted]ହିଳାଙ୍କ ମୃତ୍ୟୁ



ରହୁଥିଲେ, ଯୋଡ଼ା ବନେଇକଳା ଠାରେ ସାଇସତ୍‌ଚରିତ ପାରାୟଣ ର ଏକ ବଡ ଧରଣର କାଯ୍ୟକ୍ରମ ତାଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା । ବନେଇକଳା ଶିରିଡି ସାଇ ମନ୍ଦିରର ସେ ଜଣେ ସକ୍ରିୟ ସଦସ୍ୟ ଥିଲେ ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମରେ ଆଗଭର ହୋଇ ଅଶଂଗ୍ରହଣ କରୁଥିଲେ ,ଗତବର୍ଷ କୋରନା ସମୟରେ ଶିରିଡି ସାଇ କମିଟି ସହଯୋଡିହୋଇ ୩୦ଦିନ ପର୍ଯ୍ୟ' ଖାଦ୍ୟ ବନ୍ଟନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ ।ଅଘଟଣ ଘଟିବା ଦୁଇ ଦିନ ପୁର୍ବରୁ ସେ ସାମାନ୍ୟ ଅସୁସ୍ଥତା ଅନୁଭବ କରିଥିଲେ ହେଲେ ପାରିବାରିକ ଡାକ୍ତର ଯୋଡାଠାରେ ଅନୁପସ୍ଥିତ ଥିବାରୁ ଦେଖାଇ ପାରିନଥିଲେ । ଶୁକ୍ରବାର ଅପରାହ୍ନ ୩ଟା ସମୟରେ ଅଧିକ ଅସୁସ୍ଥତା ଲାଗିବାରୁ ନିଜ ଗାଡି ଯୋଗେ ତାଙ୍କ ସ୍ୱାମୀ ଡାକ୍ତରଖାନା ନେବାକୁ ବାହାରିଥିଲେ ହେଲେ ଦୁର୍ଭାଗ୍ୟବସତ୍ ଗାଡି ଷ୍ଟାର୍ଟ ହୋଇନଥିଲା ତେବେ ସଙ୍ଗେସଙ୍ଗେ ଆମ୍ବୁଲାନ୍ସ ମାଧ୍ୟମରେ ଡାକ୍ତରଖାନାକୁ ନେଇଥିଲେ ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଘଟ ହେବାପରେ ସାରା ଯୋଡ଼ା ଅଚଂଳରେ ଶୋକରଶାୟା ଖେଳିଯାଇଥିଲା

### ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟିର ୧୧ତମ ବୈଠକ ଅନୁଷ୍ଠିତ

## ଜିଲ୍ଲାସ୍ତରରେ ବ୍ୟାପକ ସଚେତନତା ଏବଂ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

ଭୁବନେଶ୍ୱର: ରାଜ୍ୟରେ ବାଲ୍ୟବିବାହ ପ୍ରଥା ସଂପୂର୍ଣ୍ଣ ନିଷେଧ କରିବା ଲକ୍ଷ୍ୟରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ବ୍ୟାପକ ଯୋଜନାବଦ୍ଧ କାର୍ଯ୍ୟଖସଡ଼ା ପ୍ରସ୍ତୁତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବାଲ୍ୟବିବାହ ନିଷେଧ ପାଇଁ ଜିଲ୍ଲା, ବ୍ଲକ୍ ଏବଂ ପଂଚାୟତସ୍ତରରେ ଗଠିତ ଟାସ୍କ ଫୋର୍ସ/କମିଟିଗୁଡ଼ିକ ଅଧିକ କ୍ରିୟାଶୀଳ ହେବା ସହ ବାଲ୍ୟବିବାହ ଦ୍ୱାରା କୋମଳମତି ଶିଶୁମାନଙ୍କ ମାନସିକ, ଶାରୀରିକ ନକାରାତ୍ମକ ପ୍ରଭାବ ସଂପର୍କରେ ସଚେତନତା ସୃଷ୍ଟି କରି ଏହାକୁ ରୋକିବା ଦିଗରେ ସମସ୍ତ ଉଦ୍ୟମ କରିବାକୁ କୁହାଯାଇଛି । ସଂପ୍ରତି କୋଭିଡ୍-୧୯ ଦ୍ୱିତୀୟ ଲହରୀ ପରିପ୍ରେକ୍ଷୀରେ ବାଲ୍ୟବିବାହର ଶିକାର ହେଉଥିବା ଶିଶୁମାନେ ଖୁବ୍ ସମ୍ବେଦନପ୍ରବଣ ହୋଇପଡ଼ିଛନ୍ତି ଏବଂ ଆଗାମୀ ଦିନରେ ଆସୁଥିବା ଅକ୍ଷୟ ତୃତୀୟା ତିଥିରେ ଗଣବିବାହ ହେବା ସମ୍ଭାବନା ଥିବାରୁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ଧର୍ମାନୁଷ୍ଠାନ, ମନ୍ଦିର ଏବଂ ବିବାହ ମଣ୍ଡପଗୁଡ଼ିକରେ ହେଉଥିବା ବିବାହଗୁଡ଼ିକରେ ଅନୁଷ୍ଠାନର ମୁଖ୍ୟମାନେ ଜନ୍ମ ପ୍ରମାଣପତ୍ରକୁ ଯାଂଚ କରବା ନିମନ୍ତେ ପଂଚାୟତିରାଜ ଓ ଆଇନ ବିଭାଗ ତରଫରୁ ପଦକ୍ଷେପ ନେବାକୁ ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟିର ୧୧ତମ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି ।

ପ୍ରତ୍ୟେକ ଦୁଇ ମାସରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟିର ୧୧ତମ ବୈଠକ ଭର୍ଚୁଆଲ୍ ମାଧ୍ୟମରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାଲ୍ୟବିବାହ ନିଷେଧ କ୍ଷେତ୍ରରେ ସମ୍ମିଳିତ ଭାବେ ସହଭାଗିତାର ସହ କାର୍ଯ୍ୟ କରୁଥିବା ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ପଂଚାୟତିରାଜ ଓ ପାନୀୟଜଳ ଏବଂ ଆଇନ ଆଦି ପ୍ରମୁଖ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ୟୁନିସେଫ୍, ୟୁଏନ୍‌ଏଫ୍‌ପିଏ, ଆକ୍ସନ୍ ଏଡ୍, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ସିଆଇଡି, କ୍ରାଇମ ବ୍ରାଂଚ, ପୋଲିସର କର୍ମକର୍ତାମାନେ ଯୋଗଦେଇଥିଲେ । ବିଗତ ଦିନମାନଙ୍କରେ ଓଡ଼ିଶାରେ ବାଲ୍ୟବିବାହର ସ୍ଥିତି ଏବଂ ଭବିଷ୍ୟତରେ ବାଲ୍ୟବିବାହ ରୋକିବା ନିମନ୍ତେ ବିଭିନ୍ନ ଆକ୍ସନ୍ ପ୍ଲାନ୍ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ପ୍ରମୁଖ ସଚିବ ଶ୍ରୀମତୀ ଗର୍ଗ ବର୍ତ୍ତମାନ ସୁଦ୍ଧା ବାଲ୍ୟବିବାହ ନିଷେଧ ଦିଗରେ ନିଆଯାଇଥିବା ବହୁବିଧ ପଦକ୍ଷେପକୁ ପ୍ରଶଂସା କରିବା ସହ ଜିଲ୍ଲାସ୍ତରରେ ଅଧିକାରୀମାନଙ୍କ ଉଦ୍ୟମରେ ଅଧିକରୁ ଅଧିକ ଗାଁ ବାଲ୍ୟବିବାହମୁକ୍ତ ହୋଇପାରିଛି ବୋଲି କହିଥିଲେ । ୩୧ ମାର୍ଚ୍ଚ, ୨୦୨୧ ସୁଦ୍ଧା ରାଜ୍ୟର ୩୦୦୭ଟି ଗାଁ ସଂପୂର୍ଣ୍ଣ ବାଲ୍ୟବିବାହମୁକ୍ତ ହୋଇପାରିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ବାଲ୍ୟବିବାହ ରୋକିବା ଦିଗରେ ସୁଦକ୍ଷା ଯୋଜନା, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ବାଳିକାମାନେ ହଷ୍ଟେଲ୍‌ରେ ରହିବା ଆଦି କାର୍ଯ୍ୟକ୍ରମ ବେଶ ଫଳପ୍ରଦ ହୋଇଛି ବୋଲି ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ସୂଚନା ଦେଇଥିଲେ । ବାଲ୍ୟବିବାହରୁ ଉଦ୍ଧାର କରାଯାଇଥିବା କିଶୋରୀମାନଙ୍କୁ ପରବର୍ତୀ ସମୟରେ ଦକ୍ଷତା ବିକାଶ ମାଧ୍ୟମରେ ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ପ୍ରମୁଖ ବିଭାଗଗୁଡ଼ିକର କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋକପାତ କରାଯାଇଥିଲା । ବିଶେଷ କରି ବାଳିକାମାନଙ୍କ ସୁରକ୍ଷା ଓ ନିରାପତାକୁ ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲାସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବାକୁ ବୈଠକରେ ମତପ୍ରକାଶ ପାଇଥିଲା । ନିର୍ଦ୍ଦେଶକ, ସମନ୍ୱିତ ଶିଶୁବିକାଶ ଏବଂ ସମାଜ କଲ୍ୟାଣ ଶ୍ରୀ ଅରବିନ୍ଦ ଅଗ୍ରଓ୍ୱାଲ ମହିଳା ଓ ବାଳିକାମାନେ ସମ୍ମୁଖୀନ ହେଉଥିବା ଯୌତୁକ ପ୍ରଥା, ଘରୋଇ ହିଂସା, କର୍ମସ୍ଥଳୀରେ ଯୌନ ନିର୍ଯାତନା, ମହିଳା ଚାଲାଣ ଆଦି ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋକପାତ କରିବା ସହ ବିଭିନ୍ନ ସରକାରୀ ବିଭାଗ, ସହଭାଗୀ ସଂସ୍ଥା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ନାଗରିକ ଅନୁଷ୍ଠାନଗୁଡ଼ିକର ମିଳିତ ପ୍ରୟାସରେ ତଦାରଖ ପ୍ରକ୍ରିୟାକୁ ଆହୁରି ଜୋରଦାର କରିବା ସହ ମହିଳାମାନଙ୍କ ପାଇଁ ଓଡ଼ିଶାକୁ ଏକ ସୁରକ୍ଷିତ ରାଜ୍ୟରେ ପରିଣତ କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପ୍ରକାଶ ଥାଉ କି, ୨୦୧୯ ମସିହାରେ ୟୁନିସେଫ, ୟୁଏନ୍‌ଏଫ୍‌ପିଏ, ଆକ୍ସନ୍‌ଏଡ୍, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, କ୍ରାଇମ୍ ବ୍ରାଂଚ ଏବଂ ପୋଲିସ୍ ବିଭାଗ ଆଦିକୁ ଅନ୍ତର୍ଭୁକ୍ତ କରି ରାଜ୍ୟରେ ବାଲ୍ୟବିବାହ ରୋକିବା ନିମନ୍ତେ ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟି ଗଠନ କରାଯାଇଥିଲା ।




## ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ କେନ୍ଦ୍ରମନ୍ତ୍ରୀ
## ନିର୍ମାଣାଧୀନ ୧ ହଜାର ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲର ସମୀକ୍ଷା କଲେ ଧର୍ମେନ୍ଦ୍ର ପ୍ରଧାନ

ମଧ୍ୟପ୍ରଦେଶ: ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ଚୌହ୍ୱାନଙ୍କ ସହ ବିପିସିଏଲର ବୀନା ରିଫାଇନାରୀ ନିକଟରେ ଡ଼ିଆରଡ଼ିଓ ସହଯୋଗରେ ନିର୍ମାଣାଧୀନ ଅସ୍ଥାୟୀ ୧ ହଜାର ଶଯ୍ୟା ବିଶିଷ୍ଟ ବୃହତ କୋଭିଡ୍ ହସ୍ପିଟାଲକୁ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି । ଖୁବ ଶୀଘ୍ର ହସ୍ପିଟାଲର କାର୍ଯ୍ୟକ୍ଷମ ଏବଂ ହସ୍ପିଟାଲରେ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ, ବୀନା ରିଫାଇନାରୀ, ଜିଲ୍ଲା ପ୍ରଶାସନ ଓ ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ସମୀକ୍ଷା କରିଛନ୍ତି । ସେହିପରି କରୋନା ମହାମାରୀର ମୁକାବିଲା କରିବା ନେଇ ମଧ୍ୟପ୍ରଦେଶରେ ନିଆଯାଉଥିବା ପଦକ୍ଷେପ ଉପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଓ ଭାରତ ଓମାନ ରିଫାଇନାରୀ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ସମୀକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ସେ କହିଛନ୍ତି କୋଭିଡ୍-୧୯ ମହାମାରୀକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ କରାଯାଉଥିବା ଏହି ଅସ୍ଥାୟୀ କୋଭିଡ୍ ହସ୍ପିଟାଲକୁ ସହଯୋଗ କରବା ପାଇଁ ବୀନା ରିଫାଇନାରୀ ପ୍ରତିଶ୍ରୁତିବଦ୍ଧ। ପ୍ରତିଦିନ ବୀନା ରିଫାଇନାରୀରୁ ତିଆରି ହେଉଥିବା ଦୈନିକ ୧୦ ଟନ୍ ଗ୍ୟାସୀୟସ ଅକ୍ସିଜେନ୍ ଏବଂ ୪ ଲକ୍ଷ ଲିଟର ପାଣି ଏହି କୋଭିଡ୍ ହସ୍ପିଟାଲକୁ ଯୋଗାଯିବ। ଏହି ୧ ହଜାର ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ବର୍ତମାନର ସଂକଟ ସମୟରେ ମଧ୍ୟପ୍ରଦେଶର ସାଗର, ଭିଦିଶା, ଅଶୋକନଗର, ଗୁଣା ଏବଂ ଆଖପାଖ ଅଂଚଳକୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପହଁଚିପାରିବ । ଭାରତ ଓମାନ ରିଫାଇନାରୀ ଲିମିଟେଡ୍ ଏହି କୋଭିଡ୍ ହସ୍ପିଟାଲକୁ ନିରନ୍ତର ମେଡ଼ିକାଲ ଅକ୍ସିଜେନ୍ ଯୋଗାଇବା ସହ କୋଭିଡ୍-୧୯ ମୁକାବିଲାକୁ ଅଧିକ ମଜବୁତ୍ କରିବାରେ ସବୁପ୍ରକାର ପଦକ୍ଷେପ ନେବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ମେଡ଼ିକାଲ ଅକ୍ସିଜେନ ଉପଲବ୍ଧିକୁ ବଢ଼ାଇବା ପାଇଁ ଭାରତ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି। ମଧ୍ୟପ୍ରଦେଶ ସରକାର ଏବଂ ବୀନା ରିଫାଇନାରୀ ଆଗାମୀ ଦିନରେ ଦୈନିକ ୩୦୦୦ ବଟୋଲର ବୃହତ ସାଇଜ୍‌ର ଅକ୍ସିଜେନ୍ ତଥା ପାଖାପାଖି ୨୫ ମେଟ୍ରିକ ଟନର ସ୍ଥାୟୀ ମେଡିକାଲ ଅକ୍ସିଜେନ ଉତ୍ପାଦନର ବ୍ୟବସ୍ଥା କରାଯାଉଛି । ଏହା ମଧ୍ୟପ୍ରଦେଶର ସ୍ୱାସ୍ଥ୍ୟ ଇକୋସିଷ୍ଟମକୁ ସୁଦୃଢ କରିବ । ଭାରତର ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକ ରାଜ୍ୟ ସରକାର ତଥା ସ୍ଥାନୀୟ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ସ୍ଥାପନ କରି ଦେଶରେ ସ୍ୱାସ୍ଥ୍ୟ ଏବଂ କ୍ରିଟିକାଲ କେୟାର ଭିତିଭୂମି ପ୍ରତିଷ୍ଠା କରିବାରେ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ଶ୍ରୀ ପ୍ରଧାନ କହିଛନ୍ତି । ଏହି ଜରୁରୀକାଳୀନ ସମୟରେ ଭାରତ ସରକାର ଓ ମଧ୍ୟପ୍ରଦେଶ ସରକାର ସବୁଠି ଅକ୍ସିଜେନ୍ ବେଡ୍ ଉପଲବ୍ଧି କରାଇବା ପାଇଁ ଉଦ୍ୟମ ଜାରୀ ରଖିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି ।

## ରଘୁନାଥ ମହାପାତ୍ରଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା - ଧର୍ମେନ୍ଦ୍ର ପ୍ରଧାନ
### ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର ଓଡ଼ିଶାକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ସମ୍ମାନିତ କରିଥିଲେ

ଭୁବନେଶ୍ୱର: ଅନ୍ତରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାକୁ ସମ୍ମାନିତ କରିଥିବା ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ, ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ୱର୍ଗତ ମହାପାତ୍ରଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଅନ୍ତରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାକୁ ସମ୍ମାନିତ କରିଥିବା ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ, ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ବିୟୋଗ ଖବର ଶୁଣି ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ। ତାଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ଥିଲା ନିବିଡ଼।

ଜଣେ ଲବ୍ଧ ପ୍ରତିଷ୍ଠିତ ଶିଳ୍ପୀ ଭାବେ ପରିଚିତ ସ୍ୱର୍ଗତ ମହାପାତ୍ର ପଥରରେ ନିଖୁଣ କାରୁକାର୍ଯ୍ୟ ମାଧ୍ୟମରେ ଓଡ଼ିଶାର ଉତ୍କୃଷ୍ଟ କଳା ଓ ସଂସ୍କୃତିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଗୌରବାନ୍ୱିତ କରିଥିଲେ। ତାଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା। ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି। ଏହି ଦୁଃଖଦ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାର ସଦସ୍ୟଙ୍କୁ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ।

## ଈଶ୍ୱରପୁର ସେବା ସମବାୟ ସମିତିରେ ଦୁର୍ନୀତି ଅଭିଯୋଗ

ବାଲେଶ୍ୱର: ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଈଶ୍ୱରପୁର ସେବା ସମବାୟ ସମିତିରେ ବେଆଇନ ଭାବରେ ଋଣ କରାଇ ଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଛି । ପୂର୍ବତନ ସଭାପତି ଓ ସମ୍ପାଦକଙ୍କ ନାମରେ ଏଭଳି ଅଭିଯୋଗ ଆସିଥିବା ବେଳେ ଭିଜିଲାନ୍ସ ତଦନ୍ତ ପାଇଁ ଅ□ଳବାସୀ ଦାବୀ କରିଛନ୍ତି । ସୂଚନା ଯୋଗ୍ୟ ଯେ ୨୦୧୮ ମସିହାରେ ଈଶ୍ୱରପୁର ସେବା ସମବାୟ ସମିତିର ସଭାପତି ସମ୍ପାଦକ ଦାୟିତ୍ୱରେ ଥିଲେ ଭାଗବତ ଖିଲାର ଓ ଅଶୋକ କୁମାର ଜେନା । ସେମାନେ ବେଆଇନ ଋଣ ମଞ୍ଜୁର କରାଇ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଭୂମିହୀନଙ୍କୁ ଋଣ ଦେବାର ନିୟମ ରହିଛି, ହେଲେ ବହୁ ଧନୀ ଶ୍ରେଣୀର ଲୋକଙ୍କୁ ଭୂମିହୀନ ଦର୍ଶାଇ ଋଣ ଦିଆଯାଇଛି । ଗତ ୨୪ ତାରିଖରେ ଅ□ଳବାସୀ ଏ ବାବଦରେ ଜିଲ୍ଲାପାଳଙ୍କୁ ଜଣାଇବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ । ବିଭାଗୀୟ ଉଚ୍ଚ କ□ୃପକ୍ଷ ଏହାର ତଦନ୍ତ ଭାର ଏଆରସିଏସ ଲକ୍ଷ୍ମୀଧର ରାଉତଙ୍କୁ ଦେଇଥିଲେ । ଏହି ଘଟଣାର ନିରପେକ୍ଷ ତଦନ୍ତ ହେବା ସହିତ ଭିଜିଲାନ୍ସ ବିଭାଗ ଖୋଳତାଡ଼ କରିବାକୁ ଈଶ୍ୱରପୁର ସେବା ସମବାୟ ସମିତିର ପୂର୍ବତନ ସଭାପତି ପ୍ରଫୁଲ୍ଲ ପାଣୀଗ୍ରାହି, ପୂର୍ବତନ ନିର୍ଦ୍ଦେଶକ ଶଚିନ୍ଦ୍ର ସାହୁ, ଶୁକାନ୍ତ ପାଣୀଗ୍ରାହି, ପ୍ରଶନ୍ନ ପଲେଇ, ରାମଚନ୍ଦ୍ର ମଲ୍ଲିକ, ଯନାର୍ଦ୍ଦନ ମହାପାତ୍ର, ଦିବାକର ବିଶ୍ୱାଳ ପ୍ରମୁଖ ବହୁ ହିତାଧିକାରୀ ଓ ଗ୍ରାମବାସୀ ଦାବି କରିଛନ୍ତି ।

## ଦୁଇ ଯୋଡ଼ା ଏକ୍ସପ୍ରେସ ବିଶେଷ ଟ୍ରେନ ବାତିଲ୍

ଭୁବନେଶ୍ୱର: କମ ପୃଷ୍ଟପୋଷକତା ଏବଂ କୋଭିଡ୧୯ ସଂକ୍ରମଣ ବୃଦ୍ଧିର ଶୃଙ୍ଖଳାକୁ ଭାଙ୍ଗିବାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଛାଡୁଥିବା ଆହୁରି ଦୁଇ ଯୋଡ଼ା ବିଶେଷ ଏକ୍ସପ୍ରେସ ଟ୍ରେନକୁ ଉଭୟ ପାର୍ଶ୍ୱରୁ ବାତିଲ କରିବାକୁ ନିଷ୍ପତି ନିଆଯାଇଛି । ୦୮୪୯୩/୦୮୪୯୪ ଭୁବନେଶ୍ୱର-ବାଲାଙ୍ଗୀର-ଭୁବନେଶ୍ୱର ସ୍ପେଶାଲ୍ ଉଭୟ ଦିଗରୁ ଚଳିତ ମାସ ୧୫,୧୬,୨୨ ଏବଂ ୨୩ ତାରିଖ ଦିନ ବାତିଲ୍ ରହିବ। ସେହିପରି ୦୮୫୬୧/୦୮୫୬୨ ବିଶାଖାପାଟନମ୍-କାଚେଗୁଡା-ବିଶାଖାପାଟନମ୍ ବିଶେଷ ଟ୍ରେନ ବିଶାଖାପାଟନମ୍ ଠାରୁ ୧୪ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏବଂ କାଚେଗୁଡା ଠାରୁ ୧୫ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ବାତିଲ୍ ରହିବ। ଏହାପୂର୍ବରୁ ଚାରି ଯୋଡ଼ା ସ୍ପେଶାଲ ଏକ୍ସପ୍ରେସ ଟ୍ରେନକୁ ବାତିଲ କରିବାକୁ ଘୋଷଣା କରିସାରିଛି ।

## କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି: ସମୀର ମହାନ୍ତି

ଭୁବନେଶ୍ୱର: ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ପଦ୍ମବିଭୁଷଣ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଗଭୀର ଶୋକ ବ୍ୟକ୍ତ କରି ଦୁଃଖ ପ୍ରକାଶ କରିଛନ୍ତି । ଗୋଟିଏ ଅଂଚଳ ବାସିନ୍ଦା ହୋଇଥିବାରୁ ସ୍ୱର୍ଗତଃ ମହାପାତ୍ରଙ୍କୁ ପିଲାଦିନଠୁ ଭଲଭାବେ ଜାଣିଛି । ଜଣେ ବଡ ଭାଇ ଭଳି ସେ ଆମମାନଙ୍କୁ ସର୍ବଦା ଭଲ ଉପଦେଶ ଦେଇ ମାର୍ଗଦର୍ଶନ କରିଆସୁଥିଲେ । ନିଜ ନିଖୁଣ କାରୁକାର୍ଯ୍ୟ ଜରିଆରେ ପଥର ଦେହରେ ଜୀବନ ଆଣି ଦେଶ ତଥା ଆନ୍ତର୍ଜାତୀକ ସ୍ତରରେ ଓଡିଶାର ସୁନାମ ଆଣିଥିବା ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ମହାନ୍ତି ଶୋକ ବ୍ୟକ୍ତ କରି କହିଛନ୍ତି। ଅମର ଆତ୍ମାର ସଦଗତି କାମନା କରିବା ସହ ଏଭଳି ଅସମୟରେ ଶୋକସନ୍ତପ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ ପାଇଁ ଶ୍ରୀ ମହାନ୍ତି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗରେ ରାଜ୍ୟ ବିଜେପିର ବହୁ ନେତୃବୃନ୍ଦ ଶୋକବ୍ୟକ୍ତ କରିଛନ୍ତି ।

## ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ
### - ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ କରାଯିବ

ଭୁବନେଶ୍ୱର:ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗରେ ଭାରତର କଳା ଜଗତରେ ଏକ ବିରାଟ ଶୂନ୍ୟତା ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ପରଲୋକ ଗତ ଆତ୍ମାର ସଦ୍ ଗତି କାମନା କରିଛନ୍ତି। ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏକ ଶୋକବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱର୍ଗତ ମହାପାତ୍ର ତାଙ୍କ ନିହାଣ ମୁନରେ ଓଡ଼ିଶାର ମହାନ କଳା ପରମ୍ପରା କୁ ବିଶ୍ୱବ୍ୟାପୀ କରିଥିଲେ। ଓଡ଼ିଶାର କଳା ଓ ଐତିହ୍ୟ କୁ ସମୃଦ୍ଧ କରିବାରେ ତାଙ୍କର ମହନୀୟ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନନ୍ୟ ଭକ୍ତ । ସାରା ଦେଶରେ ବହୁସ୍ଥାନରେ ଜଗନ୍ନାଥ ମନ୍ଦିର ନିର୍ମାଣରେ ତାଙ୍କର ମହତ୍ୱପୂର୍ଣ୍ଣ ଯୋଗଦାନ ଥିଲା। ପୁରୀ ଶ୍ରୀମନ୍ଦିର ମରାମତିରେ ସେ ମଧ୍ୟ ସହଯୋଗ କରିଥିଲେ। ଗଞ୍ଜାମ ତାରାତାରିଣୀ ମନ୍ଦିର ପୁନର୍ନିର୍ମାଣରେ ସେ ତାଙ୍କର ଅତୁଳନୀୟ କାରିଗରୀ ଦକ୍ଷତା ପ୍ରଦର୍ଶନ କରିଯାଇଛନ୍ତି। ବାସ୍ତବରେ ସେ ଥିଲେ କଳାଜଗତର ଏକ ବିସ୍ମୟ କର ପ୍ରତିଭା।

## ଆଲୁମିନିୟମ୍ ଶିଳ୍ପ ପୁଣିଥରେ ୫% ଆରଓଡିଟିଇପି ରେଟ୍ ଉପରେ ଗୁରୁତ୍ୱାରୋପ କଲା

ନୂଆଦିଲ୍ଲୀ: ସାମ୍ପ୍ରତିକ ଆର୍ଥିକ ସଙ୍କଟ ଜନକ ସ୍ଥିତିରେ ପ୍ରମୁଖ ଶିଳ୍ପ ସଂସ୍ଥା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେଉଥିବା ଆଲୁମିନିୟମ୍ ଶିଳ୍ପ ଲାଗି ଉପଯୋଗୀ ହେଉଥିବା ୫% ଆରଓଡିଟିଇପି ରେଟ୍ ଲାଗୁ ନେଇ ଭାରତୀୟ ଆଲୁମିନିୟମ୍ ସଂଘ (ଏଏଆଇ) ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ। ଆଲୁମିନିୟମ୍ ଶିଳ୍ପ ପାଇଁ ଅଲଗା ବ୍ୟୟ ବଜେଟ୍ ରଖାଯିବା ଉପରେ ଭାରତୀୟ ଆଲୁମିନିୟମ୍ ସଂଘ(ଏଏଆଇ) ପକ୍ଷରୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଆସ'। ୨-୩ ବର୍ଷ ମଧ୍ୟରେ ଆଲୁମିନିୟମ୍ ରପ୍ତାନୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

ଏପରିସ୍ଥଳେ ଭାରତୀୟ ଆଲୁମିନିୟମ୍ ରପ୍ତାନୀକାରୀଙ୍କୁ ଅନିଶ୍ଚିତତାରୁ ରକ୍ଷା କରାଇବା ଲାଗି ଭାରତୀୟ ଆଲୁମିନିୟମ୍ ସଂଘ (ଏଏଆଇ) ମର୍ଚ୍ଚାଣ୍ଡାଇଜ୍ ଏକ୍ସପୋର୍ଟ ଫ୍ରମ୍ ଇଣ୍ଡିଆ ସ୍କିମ୍ (ଏମ୍‌ଇଆଇଏସ୍) ଜାରି ରଖିବାକୁ ଆରଓଡିଟିଇପି କମିଟିର ଦ୍ୱାରସ୍ଥ ହୋଇ ପ୍ରକୃତ ରିମିସନ୍ ରେଟ୍ ସମ୍ପର୍କିତ ତଥ୍ୟ ଦାଖଲ କରାଯାଇଛି। ଏମ୍‌ଇଆଇଏସ୍ ସୁବିଧା ୨୦୨୦ ଏବଂ ୨୦୨୧ ଆର୍ଥିକ ବର୍ଷର ଏପ୍ରିଲ୍‌ରୁ ଡିସେମ୍ବରରେ ଉପଲବ୍ଧ ହୋଇ ପାରି ନ ଥିଲା। ଅନ୍‌ଲାଇନ୍ ଏମ୍‌ଇଆଇଏସ୍ ମଡ୍ୟୁଲ ବ୍ଲକ୍ କରାଯିବାରୁ ଏହା ସମ୍ଭବ ହୋଇ ନ ଥିଲା।

ସାମ୍ପ୍ରତିକ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ରେଟ୍ ସମ୍ପର୍କରେ ସୂଚନା ପ୍ରକାଶ ପାଇବ ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ଏବଂ ଡିଜିଏଫ୍‌ଟି ପକ୍ଷରୁ କୁହାଯାଇଛି। ୨୦୨୧-୨୨ କେନ୍ଦ୍ରୀୟ ବଜେଟରେ ୧୩,୦୦୦ କୋଟି ଆରଓଡିଟିଇପି ସ୍କିମ୍ ପାଇଁ ବ୍ୟୟ ବରାଦ କରାଯାଇଥିଲା। ୨୦୧୯ ସେପ୍ଟେମ୍ବରରେ ଅର୍ଥମନ୍ତ୍ରୀ ଏଥି ପାଇଁ ୫୦,୦୦୦ କୋଟି ଘୋଷଣା କରିଥିଲେ। ଏହି ବ୍ୟୟ ବରାଦ ୨୦୨୦ ଆର୍ଥିକ ବର୍ଷରେ ମର୍ଚ୍ଚାଣ୍ଡାଇଜ୍ ଏକ୍ସପୋର୍ଟ ଫ୍ରମ୍ ଇଣ୍ଡିଆ ସ୍କିମ୍ (ଏମ୍‌ଇଆଇଏସ୍) ପାଇଁ ହୋଇଥିବା ୩୯,୦୯୭ କୋଟି ବ୍ୟୟ ବରାଦର ଏକ ତୃତୀୟାଂଶ। ଆରଓଡିଟିଇପି ପକ୍ଷରୁ ଜାରି ହୋଇଥିବା ରେଟ୍ ବିସ୍ତୃତ ଆଲୋଚନା ପରେ ପ୍ରକାଶ ପାଇଥିଲା। ଏହାକୁ ନେଇ ଏଏଆଇ ପକ୍ଷରୁ କୁହାଯାଇଛି ଯେ, ଏହା ଭବିଷ୍ୟତର ରେଟ୍‌କୁ ବେଶ୍ ଉପଯୋଗୀ କରାଇବାକୁ ସକ୍ଷମ ହେବ। ଫଳରେ ଡବ୍ଲ୍ୟୁଟିଓର ବିନା ପ୍ରତିବାଦରେ ରପ୍ତାନୀ ବୃଦ୍ଧି ସମ୍ଭବ ହୋଇ ପାରିବ।

ଏହା ଦ୍ୱାରା ସମ୍ପ୍ରତି ଭାରତୀୟ ଆଲୁମିନିୟମ୍ ଶିଳ୍ପ ରପ୍ତାନୀ କ୍ଷେତ୍ରରେ ମୁଖ୍ୟତଃ ଚାଇନା ସହିତ ଅ'ର୍ଜାତୀୟ ବଜାରରେ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ସଙ୍କଟର ସମ୍ମୁଖୀନ ହୋଇଛି। ଏହା ସହିତ କେନ୍ଦ୍ର ଏବଂ ରାଜ୍ୟ ପକ୍ଷରୁ ଆଲୁମିନିୟମ୍ ଉତ୍ପାଦ ଉପରେ ଲଗାଯାଇଥିବା ଟିକସ ଏବଂ ଶୁଳ୍କ ୧୫ ପ୍ରତିଶତ ପାଖାପାଖି ରହିଛି। ଯାହାକି ପୃଥିବୀରେ ସର୍ବାଧିକ। ଚାଇନାରେ ମଧ୍ୟ ଏହା ଅପକ୍ଷୋକୃତ କମ୍ ରହିଛି। ତେଣୁ ଏହାକୁ କମ୍ କରାଯିବାର ଆବଶ୍ୟକତା ରହିଛି ଯାହାଦ୍ୱାରା ଘରୋଇ ଉତ୍ପାଦନକାରୀ ଘରୋଇ କ୍ଷେତ୍ରରେ ମୂଲ୍ୟଯୁକ୍ତ ସୁବିଧା ଉପଲବ୍ଧ ପାଇଁ ଉତ୍ସାହିତ ହେବା ସହିତ ରପ୍ତାନୀ କରିବାକୁ ସକ୍ଷମ ହୋଇପାରିବେ। ଆଲୁମିନିୟମ୍ ରପ୍ତାନୀ ସମ୍ପ୍ରତି ୨ ପ୍ରତିଶତ ଏମ୍‌ଇଆଇଏସ୍ ରିୱାର୍ଡ ରେଟ୍ ପାଇଁ ଯୋଗ୍ୟ। ସାମ୍ପ୍ରତିକ ଅଣ-ପ୍ରତିଦ୍ୱନ୍ଦ୍ୱିତା ମୂଳକ ବଜାରରେ ଏହାକୁ ଲାଗୁ କରାଯିବା ଆବଶ୍ୟକ। ଏପରିସ୍ଥଳେ ପ୍ରଣୟନ ହୋଇଥିବା ଡ୍ୟୁଟି ମୁକ୍ତ ଏବଂ ରପ୍ତାନୀ ଉପଯୋଗୀ ପଦାର୍ଥର ଟିକସ ହ୍ରାସ ଯୋଜନା (ଆରଓଡିଟିଇପି)କୁ ୫% କରିବା ଉପରେ ବିଚାର କରିବା ଅପରିହାର୍ଯ୍ୟ ହୋଇପଡ଼ିଛି।

ସରକାର ୧୨ ଚମ୍ପିୟନ ସେକ୍ଟର ମଧ୍ୟରେ ଆଲୁମିନିୟମ୍‌କୁ ସ୍ଥାନୀତ କରିଛଁ । ଭାରତ ବାର୍ଷିକ ୪.୧ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରି ଦ୍ୱିତୀୟ ବୃହତ କ୍ଷମତାକାରୀ ଭାବେ ସ୍ଥାନୀତ ହୋଇଛି। ସେହିପରି ତୃତୀୟ ବୃହତ୍ ଆଲୁମିନିୟମ ଉତ୍ପାଦନକାରୀର ମାନ୍ୟତା ହାସଲ କରିପାରିଛି। ଘରୋଇ ଚାହିଦାକୁ ଦୃଷ୍ଟିରେ ରଖି ଉତ୍ପାଦନ ବୃଦ୍ଧି ପାଇଁ ଏକ୍ଷେତ୍ରରେ ୧.୨ ଲକ୍ଷ କୋଟି( ୨୦ ବିଲିୟନ୍ ଡଲାର) ନିବେଶ କରାଯାଇଛି। ଏହାଦ୍ୱାରା ୮ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ୪୦୦୦ରୁ ଅଧିକ ସହଯୋଗୀ ଏସ୍‌ଏମ୍‌ଇ ବିକଶିତ ହୋଇ ପାରିଛଁ । ୨୦୨୧ ଆର୍ଥିକ ବର୍ଷରେ ଆଲୁମିନିୟମ୍ ରପ୍ତାନୀ ଯୋଗୁ ଭାରତ ୫ ବିଲିୟନ ଡଲାର ବିଦେଶୀ ମୁଦ୍ରା ସଂଗ୍ରହ କରିପାରିଛି। ଯାହାକି ଭାରତର ମୋଟ ରପ୍ତାନୀ ପରିମାଣର ୨ ପ୍ରତିଶତ। ଆଗାମୀ ଦିନରେ ଏହା ଦୁଇଗୁଣା ହୋଇ ୧୦ ବିଲିୟନ୍ ଡଲାରରେ ଛୁଇଁବାର ଆଶା ରହିଛି।

# ଟ୍ୱିନସିଟିରେ ବିନା ମୂଲ୍ୟରେ ଭିଟାମିନ ଟାବଲେଟ ବାଂଟିବ କଂଗ୍ରେସ

**ଭୁବନେଶ୍ୱର: କରୋନା ମହାମାରୀର ଦ୍ୱିତୀୟ ଲହରରେ ସମଗ୍ର ରାଜ୍ୟରେ ସଂକ୍ରମଣର ହାର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଭୁବନେଶ୍ୱର- କଟକରେ ମଧ୍ୟ ସଂକ୍ରମଣ ହାର ବଢ଼ି ଏକ ଭୟାନକ ପରିସ୍ଥିତି ସୃଷ୍ଟି କଲାଣି। ଏହି ଘଡ଼ିସନ୍ଧି ମୂହୂର୍ତରେ କୋଭିଡ ଆକ୍ରାନ୍ତଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀ ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ପକ୍ଷରୁ ଦୈତ୍ୱ ଜିଲ୍ଲା କଂଗ୍ରେସ ମାଧ୍ୟମରେ ନିଶୁଳ୍କ ଭିଟାମିନ ଟ୍ୟାବଲେଟ ବଂଟନ କରାଯିବ ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି କୋଭିଡ କଂଟ୍ରୋଲରୁମର ସଦସ୍ୟ ତଥା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କୋଭିଡ କଂଟ୍ରୋଲରୁମ ଇନଚାର୍ଜ ସୁବ୍ରତ ମହାପାତ୍ର କହିଥିଲେ। ଏହି କୋଭିଡ ମହାମାରୀ ସମୟରେ କଂଗ୍ରେସ ଦଳ କୋଭିଡ କଂଟ୍ରୋଲ ରୁମ ଜରିଆରେ ସାଧାରଣ ଲୋକଙ୍କୁ ସେବା, ସହଯୋଗ ଓ ସୂଚନା ଯୋଗାଇ ଦେଉଥିବା ବେଳେ, ଭୁବନେଶ୍ୱର ଓ କଟକ ମ୍ୟୁନିସପାଲଟି ଏରିଆରେ ହୋମ କ୍ୱାରେନଣ୍ଟାଇନରେ ଥିବା କୋଭିଡ ଆକ୍ରାନ୍ତକୁ ବିନାମୂଲ୍ୟରେ ଭିଟାମିନ ଟାବଲେଟ ଯୋଗାଇ ଦିଆଯିବ। ଏହି ମେଡିସିନ ବଂଟନ ପ୍ରକ୍ରିୟା ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସହଯୋଗରେ କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ।**

**ସେହିପରି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଥିଲେ କୋଭିଡ ପରିସ୍ଥିତି ପରିଚାଳନାରେ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ବିଫଳ, ରୋଗୀଙ୍କ ପାଇଁ ନା ଅକ୍ସିଜେନ ଯୋଗାଣ ଠିକ ରୂପେ ହୋଇପାରୁଛି ନା ହସପିଟାଲରେ ପର୍ଯ୍ୟାପ୍ତ ପରିମାଣରେ ବେଡ ଉପଲବ୍ଧ ହେଉଛି। ସାଧାରଣ ଲୋକ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଛାତ୍ର କଂଗ୍ରେସ ନିଜସ୍ୱ ଉଦ୍ୟମରେ ଲୋକଙ୍କ ପାଖକୁ ରାସନ, ଅତ୍ୟାବଶକୀୟ ସାମଗ୍ରୀ ପହଂଚାଇବା ସହ କୋଭିଡ ଆକ୍ରାନ୍ତଙ୍କ ବିଭିନ୍ନ ସମସ୍ୟା ନେଇ ସାହାଯ୍ୟ ଓ ସହଯୋଗ କରୁଛି। ଏହି ଭିଟାମିନ ବଂଟନ ପ୍ରକ୍ରିୟା ଛାତ୍ର କଂଗ୍ରେସ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର କର୍ମକର୍ତାଙ୍କ ମାଧ୍ୟମରେ ସୁଚାରୁରୂପେ ସମ୍ପାଦନ କରାଯିବ। ହୋମ କ୍ୱାରାନଣ୍ଟାଇନରେ ଥିବା ବ୍ୟକ୍ତି ଟୋଲଫ୍ରି କିମ୍ବା ହ୍ୱାଟସଆପ ନମ୍ବରରେ ଯୋଗାଯୋଗ କଲେ ସେମାନଙ୍କ ପାଇଁ ଭଲେଣ୍ଟିୟରଙ୍କ ଜରିଆରେ ମେଡିସିନ ପହଂଚାଇ ଦିଆଯିବ।**

ପ୍ରଥମ ପୃଷ୍ଠାର ଅବଶିଷ୍ଟା ଅଂଶ - ସର୍ବଦଳୀୟ

ଆବଶ୍ୟକତାକୁ ଦେଖି ଗାଁରେ ଟିଏମସି ଖୋଲିବା ବିଷୟ ନେଇ ସରପଂଚମାନେ ସେମାନଙ୍କର ଜିଲ୍ଲାପାଳ କ୍ଷମତା ପ୍ରୟୋଗ କରିପାରିବେ।

ଅପରପକ୍ଷରେ ରାଜ୍ୟରେ ଅକସିଜେନ ପରିଚାଳନା ବ୍ୟବସ୍ଥା ସୁଦୃଢ କରିବା ଏବଂ ଏଥିପାଇଁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ପାଇଁ ଏକ ଟାକ୍ସଫୋର୍ସ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । କରୋନା ସମ୍ପର୍କିତ ସଚେତନତାର ବାର୍ତା ଲୋକଙ୍କୁ ପାଖରେ ପହଂଚାଇବା ପାଇଁ ମୁଖ୍ୟମନ୍ତ୍ରୀ ବିଧାୟକ ମାନଙ୍କୁ ପରାମର୍ଶ ଦେବା ସହିତ କୋଭିଡ ପରିଚାଳନା କାର୍ଯ୍ୟ ବିଶେଷତଃ, ମିଶନ ଶକ୍ତି ଗ୍ରୁପ ଠାରୁ କିଣି ଗରିବ ଲୋକଙ୍କୁ ମାସ୍କ ବାଂଟିବା ପାଇଁ ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

କରୋନା ବିରୋଧରେ ଲଢେଇକୁ ଆହୁରି ମଜବୁତ କରିବା ପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସୋମବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଗତ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଓଡିଶାରେ ସଂକ୍ରମଣ ବଢୁଛି । ମହାପ୍ରଭୁଙ୍କ ଆଶୀର୍ବାଦରୁ ଆମେ ପରିସ୍ଥିତିକୁ ମୋଟାମୋଟି ଭାବରେ ନିୟନ୍ତ୍ରଣରେ ରଖିବା ସହ ରୋଗୀକୁ ସେବା ଯୋଗାଇ ଦେବା ଦିଗରେ କାମ କରିଚାଲିଛୁ । ଆମ ପ୍ରଶାସନ ଓ ସ୍ୱାସ୍ଥ୍ୟକର୍ମୀ ମାନେ ଯେପରି ଦିନରାତି କାମ କରିଚାଲିଛନ୍ତି, ସେଥିପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସେମାନଙ୍କର ଉଚ୍ଚପ୍ରଶଂସା କରିଥିଲେ।

ସ୍ୱାସ୍ଥ୍ୟସେବା ଭିତିଭୂମିକୁ ସୁଦୃଢ କରିବା ସହିତ ଆଇସିୟୁ- ଏଚଡିୟୁ ଶଯ୍ୟାରେ ବୃଦ୍ଧି କରାଯାଇଛି । ପ୍ରତି ଜିଲ୍ଲାରେ ଅକ୍‌ସିଜେନ ସଂଯୁକ୍ତ ଶଯ୍ୟାର ବ୍ୟବସ୍ଥା ମଧ୍ୟ କରାଯାଇଛି । ତ୍ରୁଟିଶୂନ୍ୟ ଅକ୍‌ସିଜେନ ଯୋଗାଣ ପାଇଁ ଅଧିକ ଅକ୍‌ସିଜେନ ସିଲିଣ୍ଡର,ରିଫିଲିଂ ଓ ପରିବହନ କାର୍ଯ୍ୟ ତଦାରଖ କରାଯାଉଛି । ମୁଖ୍ୟ ଡାକ୍ତରଖାନା ଗୁଡିକରେ ଅକ୍‌ସେଜେନ ପ୍ଲାଂଟ ପ୍ରତିଷ୍ଠା ସହ ଅକ୍‌ସିଜେନ ସିଲିଣ୍ଡର ମଧ୍ୟ ଆମଦାନୀ କରାଯାଉଛି । ନିଜ ରାଜ୍ୟର ଚାହିଦା ପୂରଣ ସହିତ ଆଜି ଓଡିଶା ଅନ୍ୟ ରାଜ୍ୟକୁ ମଧ୍ୟ ଅକ୍‌ସିଜେନ ଯୋଗାଇ ବହୁ ମୂଲ୍ୟବାନ ଜୀବନ ରକ୍ଷା କରିପାରୁଛି । ଏହା ଓଡିଶା ପାଇଁ ନିଶ୍ଚିତ ଭାବରେ ଗୌରବର କଥା।

ଏହି ଲଢେଇରେ ସ୍ୱାସ୍ଥ୍ୟ କର୍ମୀ ଓ ଡାକ୍ତରମାନଙ୍କ ସବୁଠାରୁ ଗୁରୁ ଦାୟିତ୍ୱ ଥିବାରୁ ୭୮୬ ଡାକ୍ତର ଓ ୫୧୩୭ ପାରାମେଡିକାଲ ଷ୍ଟାଫଙ୍କୁ ଇତି ମଧ୍ୟରେ ନିଯୁକ୍ତି ଦିଆଯାଇଛି । ଏହାସହିତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଚୁକ୍ତିଭିତିକ ନିଯୁକ୍ତି ଦେବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାରେ ଲୋକଙ୍କୁ ମାଗଣା ପରୀକ୍ଷା ଓ ରୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି।

ଲୋକଙ୍କୁ ସତର୍କ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହୁଏତ ଆଗକୁ କୋଭିଡର ଅନେକ ଲହର ଆସିପାରେ । ତେଣୁ ଆମକୁ ଦୀର୍ଘ ଲଢେଇ ପାଇଁ ପ୍ରସ୍ତୁତ ରହିବାକୁ ହେବ। କରୋନା ବିରୁଦ୍ଧରେ ସଫଳ ଲଢେଇ ପାଇଁ ଟିକାକରଣ ଆମର ମୁଖ୍ୟ ରଣକୌଶଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ବର୍ତମାନ କୋଭିଡର ଦ୍ୱିତୀୟ ଲହର ମଧ୍ୟରେ ଅଛୁ। ଆଗକୁ ଆମକୁ କେତେ ଲହର ଓ କେତେ ଭାରିଆଂଟର ମୁକାବିଲା କରିବାକୁ ହେବ, ତାହା କେହି ଜାଣିନାହିଁ । ଦ୍ୱିତୀୟ ଲହରର ପ୍ରଭାବ ହ୍ରାସ କରିବା ପାଇଁ ଆମେ ଲକ୍‌ଡାଉନ କରିଛୁ। କିନ୍ତୁ କେବଳ ଲକ୍‌ଡାଉନ ଏହାର ସମାଧାନ ନୁହେଁ। କାରଣ ଏହାଦ୍ୱାରା ଅନେକ ଲୋକଙ୍କ ଜୀବିକା ଗଭୀର ଭାବରେ ପ୍ରଭାବିତ ହେଉଛି । ଏହା ଏକ ଲମ୍ବା ଲଢେଇ। ତେଣୁ ଲୋକଙ୍କୁ ସଚେତନତା ଜରିଆରେ ପ୍ରସ୍ତୁତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରିବା, ଅନାବଶ୍ୟକ ଭାବରେ ବାହାରେ ନ ବୁଲିବା ଏବଂ ଗହଳିକୁ ନ ଯିବା ଆଦି ନିୟମକୁ କଡାକଡି ଭାବରେ ପାଳନ କରିବା ପାଇଁ ଅନୁରୋଧ କରିଥିଲେ।

ଏହା ବ୍ୟତୀତ ବିଧାୟକ ମାନେ ଅନେକ ଲୋକଙ୍କ ସହ ପ୍ରତିଦିନ ମିଶୁଛନ୍ତି, ତେଣୁ ନିଜର ଓ ନିଜ ପରିବାରର ଯତ୍ନ ନେବା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେଇଥିଲେ ।ପ୍ରତ୍ୟେକ ଜୀବନ ମୂଲ୍ୟବାନ '। ଏହି ନୀତିରେ ହିଁ ଆମେ କାମ କରିଚାଲିଛୁ ଏବଂ ଲୋକଙ୍କ ଜୀବନ ରକ୍ଷା ପାଇଁ ସରକାର ତାଙ୍କର ସମସ୍ତ ଉଦ୍ୟମ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଏହି ଅବସରରେ ବାଚସ୍ପତି ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ବିଧାୟକ ମାନଙ୍କୁ କୋଭିଡ଼ ସକ୍ରମଣ ରୋକିବା ଦିଗରେ କାମ କରିବା ପାଇଁ ବିଧାୟକ ମାନଙ୍କୁ ଶପଥ ପାଠ କରାଇଥିଲେ । ବୈଠକରେ ବିରୋଧୀ ଦଳ ଉପନେତା , ମୁଖ୍ୟ ସଚେତକ , କଂଗ୍ରେସ ବିଧାୟକ ଦଳ ନେତା ପ୍ରମୁଖ ଉପସ୍ଥିତ ଥିଲେ।

## କୋଭିଡ୍ ପରିଚାଳନା ନେଇ ସମିକ୍ଷା କଲେ ପୁଲିସ ଡିଜି ଅଭୟ

ରାଉରକେଲା: ପଶ୍ଚିମାଚଂଳରେ କୋଭିଡ ସ୍ଥିତି ଧିରେ ଧିରେ ବିଗୁଡୁଥିବା ବେଳେ ଓଡିଶାର ଅନ୍ୟ ସ୍ଥାନରେ ସ୍ଥିତି ବିଗିଡ଼ି ଚାଲିଛି । ଏହାକୁ ଦେଖି ରାଜ୍ୟ ସରକାର ୧୪ ଦିନିଆ ଲକଡାଉନ ଘୋଷଣା କରିଥିବା ବେଳେ ରାଉରକେଲା ସମେତ ପଡୋଶି ପୁଲିସ ଜିଲ୍ଲାରେ କୋଭିଡ୍ ପରିଚାଳନା କେମିତି ଚାଲିଛି ତାହାର ସରଜମିନ ସମିକ୍ଷା କରିବା ଲାଗି ଆଜି ଓଡିଶା ପୁଲିସ ଡିଜି ଶ୍ରୀ ଅଭୟ ଆଜି ରାଉରକେଲାରେ ପହଁଚି ସମିକ୍ଷା କରିଛନ୍ତି । ଶ୍ରୀ ଅଭୟ ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଆଜି ରାଉରକେଲାରେ ପହଁଚି ରାଉରକେଲା ମିଡିଆକୁ ଭେଟିଥିଲେ । ସେ କହିଥିଲେ ରାଜ୍ୟ ସରକାର ଯେଉଁଭଳି ଏହି ସ୍ଥିତିକୁ ପରିଚାଳନା କରିବାକୁ କହିଥିଲେ ସେହି ଭଳି ସମସ୍ତ କାମ ପୁଲିସ ଚଳାଇଛି । ବିଶେଷ କରି ଅକ୍ସିଜେନ ଗାଡି ଗୁଡିକ କିଭଳି ତାର ଗନ୍ତବ୍ୟ ଯାଗାରେ ପହଁଚିବ ତାହାର ବ୍ୟବସ୍ଥା ପୁଲିସ ପକ୍ଷରୁ କରାଯାଉଛି । ମୁଖ୍ୟମନ୍ତ୍ରୀ କହିବା ଅନୁଶାରେ ଲୋକଙ୍କୁ ମାସ୍କ ପିନ୍ଧାରେ ଅଭ୍ୟାସ କରାଇ ସଚେତନ କରିବା ଓ ସାମଜିକ ଦୂରତା ଲାଗି ସଚେତନ କରାଇବା ଦିଗରେ ପୁଲିସ କାର୍ଯ୍ୟ କରୁଛି, ଲୋକେ ମଧ୍ୟ ଅନେକ ଜରିମାନା ଦେଇଛନ୍ତି । ପରେ ସେ ରାଉରକେଲା, ସୁନ୍ଦରଗଡ଼, ରେଳବାଇ ପୁଲିସ, ଝାରସୁଗୁଡ଼ା ଓ ସମ୍ବଲପୁରର ପୁଲିସ ଅଧିକାରୀ ମାନଙ୍କ ସହ କୋଭିଡ ପରିଚାଳନା କେମିତି ଚାଲିଛି ପଚାରି ବୁଝିଥିଲେ । ଏହି ସମୟରେ ବିଶେଷ କରି ସିମାନ୍ତ ଅଂଚଳରେ କୋଭିଡ ପରିଚାଳନା ନେଇ କିଭଳି କାମ ଚାଲିଛି ତାକୁ ମଧ୍ୟ ପଚାରି ବୁଝିଥିଲେ । ପରେ ପରେ ସେ ଚତୁର୍ଥ ବାଟାଲିଆନ ରାଉରକେଲା କ୍ୟାମ୍ପସକୁ ପରିଦର୍ଶନରେ ଯାଇଥିଲେ।

### ସରକାରୀ ଯୋଜନା ପ୍ରଦାନରେ ଟାଳଟୁଳ ନୀତି
## ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା କଲେ: କଳାପଟି ମୁହଁରେ ଭିଡି ପ୍ରତିବାଦ କଲେ

ଧର୍ମଶାଳା: କରୋନା ମହାବିପତି ସମୟରେ ଲୋକେ ଭୋକିଲା ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଆରୁହା ପଂଚାୟତରେ ନିରୀହ ଗରୀବ ସରଳ ଶବର ଲୋକମାନଙ୍କ ରାସନକୁ ଚଂଚକତା କରାଯାଇ ବନ୍ଦ କରାଯିବା ଭଳି ଅମାନବିୟ ଘଟଣା ସାମ୍ନାକୁ ଆସିଛି । ଏହାର ପ୍ରତିବାଦରେ ଗାଁରେ ବି.ଜେ.ଡି ଯୁବନେତା ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ ସହ ସେମାନଙ୍କୁ ରାସନ ପ୍ରଦାନ କରାଇ ଦେଉନଥିବା ଭ୍ରଷ୍ଟାଚାରୀଙ୍କ ବିରୋଧରେ ମୁହଁରେ କଳାପଟି ଭିଡି ପ୍ରତିବାଦ କରିଥିଲେ। ଏହାସହ ଏଥିନେଇ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ସହ ଧାରଣା ଦେବାକୁ ସତୀଶ ଚେତାବନୀ ଦେଇଛନ୍ତି ।

ଖବରରୁ ପ୍ରକାଶ, ଏହି ପଂଚାୟତର ହିଞ୍ଜଳପାଟିଆ ଗ୍ରାମରେ ସମସ୍ତ ଜନସାଧାରଣ ଶବର ସମ୍ପ୍ରଦାୟର ଅଟନ୍ତି। ଏମାନେ ଚଳିତ ମାସରେ ରାସନ ପାଇଁ ଯାଇଥିବା ବେଳେ ସେମାନଙ୍କ ରାସନ କାର୍ଡ କଟି ଯାଇଥିବାର କୁହାଗଲା। ପରେ ସେମାନଙ୍କ ରାସନ ଅନ୍ୟ ରିଟେଲରଙ୍କ ନିକଟକୁ ପଳାଇଥିବାର କୁହାଗଲା। ଏହାର ପ୍ରତିବାଦରେ ଗାଁର ଲୋକମାନେ ସମୁହ ଭାବେ ଧର୍ମଶାଳା ବ୍ଲକରେ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ହେଲେ ଏହାର କୌଣସି ସୁଫଳ ମିଳି ନଥିଲା। ଅପରନ୍ତୁ ସେମାନେ ନିଜର ରିଟେଲର ବଦଳାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିବାର ବ୍ଲକ ଯୋଗାଣ ଅଧିକାରୀ ପ୍ରକାଶ କରିଥିଲେ। ଅନେକ ଗାଁ ଲୋକ ଟିପ ଚିହ୍ନ ମାରୁ ଥିବା ବେଳେ ଏଥିରେ ସେମାନଙ୍କ ଦସ୍ତଖତ ହୋଇଥିବାର ଦେଖା ଯାଇଥିଲା। ସେହିପରି କେତେକ ଲୋକଙ୍କ ଆଧାର ଲିଙ୍କ୍ ହେବାର କୁହାଯାଇ ଦସ୍ତଖତ ନିଆଯାଇ ଚଂଚକତା କରାଯାଇଥିଲା। ହେଲେ ଗାଁ ଲୋକ ଯେତେ ଦାବି କଲେ ବି ସେମାନଙ୍କୁ ଉକ୍ତ ଦରଖାସ୍ତର ନକଲ ଦିଆଯାଇ ନଥିଲା। ଅପରନ୍ତୁ ସେମାନଙ୍କ ଦସ୍ତଖତ ନେଇ ଯାଂଚ୍ କରାଯିବା ପରେ ସେମାନଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯିବ ବୋଲି କୁହାଗଲା। ଏଥିନେଇ ଗାଁ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଗରୀବ କଲ୍ୟାଣ ଯୋଜନାର ସଫଳ ରୂପାୟନ ପାଇଁ ଲଢେଇ କରୁଥିବା ବି.ଜେ.ଡି ଯୁବନେତା ସତୀଶ ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଗାଁରେ ସତୀଶଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ସତୀଶ କହିଥିଲେ ଯେ, ବି.ଜେ.ଡି ନାମରେ କୌଣସି ପ୍ରକାରେ ଭ୍ରଷ୍ଟାଚାର ଏବଂ ଗରୀବ ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରାନଯାଉ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇ କ୍ଷେତ୍ରରେ ଅତ୍ୟନ୍ତ ସ୍ପଷ୍ଟ ଏବଂ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଉଭୟ ପ୍ରଶାସନ ଓ ଦଳୀୟ କର୍ମୀଙ୍କୁ ବାରମ୍ବାର ଆହ୍ୱାନ ଦେଇଛନ୍ତି। ସତୀଶ ଏଥିନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ପ୍ରକାଶ ଥାଉ କି, ଏହି ଚଂଚକତା କରିଥିବା ଦୁଇ ତିନି ଜଣ ପ୍ରଭାବଶାଳୀ ରାତିରେ ଗାଁରେ ପହଂଚି ଗାଁ ଲୋକଙ୍କ ସହ ଭିତିରିଆ ବୁଝାମଣା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଗାଁ ଲୋକେ ଏହାକୁ ପ୍ରତ୍ୟାଖାନ କରିଥିଲେ। ଏଥିପାଇଁ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK




Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବେଦା' ଆଲୁମିନିୟମ ପକ୍ଷରୁ ବ୍ୟବସାୟିକ ଅଂଶୀଦାର କର୍ମଚାରୀଙ୍କ ପାଇଁ କୋଭିଡ୍ କବଚ ଟର୍ମ ବୀମା ଘୋଷଣା

ଭୁବନେଶ୍ୱର: ଭାରତର ବୃହତ୍ ଆଲୁମିନିୟମ୍ ଉତ୍ପାଦନକାରୀ ତଥା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଏବଂ ପାୱାର ବିଜନେସ୍ ପକ୍ଷରୁ ଅନ୍ତର୍ଜାତୀୟ ପରିବାର ଦିବସ ଅବସରରେ ଏହାର ଓଡ଼ିଶାର ଲାଞ୍ଜିଗଡ଼ ଏବଂ ଝାରସୁଗୁଡ଼ା ପ୍ଲାଂଟ୍ ଏବଂ ଛତିଶଗଡ଼ର କୋର୍ବା ସ୍ଥିତ ବାଲ୍କୋ ପ୍ଲାଂଟ୍‌ର ବ୍ୟବସାୟିକ ଅଂଶୀଦାର କର୍ମଚାରୀଙ୍କ ପାଇଁ କୋଭିଡ୍ କବଚ ଟର୍ମ ବୀମା ଘୋଷଣା କରାଯାଇଛି। ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ ଓ ପାୱାରର ସିଇଓ ଏବଂ ବାଣିଜ୍ୟିକ ଏମ୍‌ଡି ଅଜୟ କାପୁର ଏସମ୍ପର୍କରେ ଘୋଷଣା କରିଛନ୍ତି। ଆନ୍ତର୍ଜାତୀୟ ପରିବାର ଦିବସ ଅବସରରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସେ ସମସ୍ତ କର୍ମଚାରୀଙ୍କ ପାଇଁ ଏହା ଘୋଷଣା କରିଛନ୍ତି। ଗତବର୍ଷ, କମ୍ପାନୀ ସମସ୍ତ କର୍ମଚାରୀଙ୍କ ପାଇଁ ଟର୍ମ ଜୀବନ ବୀମା ଘୋଷଣା କରାଯାଇଥିଲା। କୋଭିଡ୍ ସଙ୍କଟ ସମୟରେ ଯେକୌଣସି ଦୁର୍ଭାଗ୍ୟଜନକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି କରାଯାଇଥିଲା। ଏଥିସହ, ଓଡ଼ିଶା ସ୍ଥିତ ବେଦାନ୍ତର ଆଲୁମିନିୟମ ସ୍ମେଲଟରରେ କାର୍ଯ୍ୟରତ ବ୍ୟବସାୟିକ ଅଂଶୀଦାରଙ୍କୁ ମଧ୍ୟ ଏହି ସ୍ୱାସ୍ଥ୍ୟ ବୀମା ପଲିସିରେ ସାମିଲ କରାଯାଇଛି। ଏହା ଚିକିତ୍ସିତ ହେଉଥିବା କ୍ଷେତ୍ରରେ ସହାୟତା ପ୍ରଦାନ କରିବାକୁ ସକ୍ଷମ ହୋଇପାରିଥାଏ।

ଏହି ଅବସରରେ ଆଲୁମିନିୟମ ବ୍ୟବସାୟର ସହକାରୀ ସିଇଓ ରାହୁଲ ଶର୍ମା କହିଲେ, ଆମ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଆମର ପ୍ରାଥମିକତା, ଏବଂ ଆମେ ମହାମାରୀ ବିରୋଧରେ ସୁରକ୍ଷା ପ୍ରୋଟୋକଲ ଜାରି ରଖିଛୁ। ଆମର କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ସୁରକ୍ଷିତ ରଖିବା ପାଇଁ ଆମେ ସମସ୍ତ ପ୍ଲାଂଟ୍ ଅଂଚଳରେ ବହୁବିଧ ବ୍ୟବସ୍ଥା ପଦକ୍ଷେପ ଗ୍ରହଣ କରିଛୁ। ମହାମାରୀ ଲଢ଼େଇରେ ଆମେ ସମଗ୍ର ଦେଶ ସହ ମିଳିତ ଭାବେ ଛିଡା ହୋଇଛୁ। କୋଭିଡ୍ ସଂକ୍ରମଣରୁ ଦୂରେଇ ରହିବା ପାଇଁ ଆମେ ଆମର କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ସୁରକ୍ଷିତ ରଖିବା ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଛୁ। ବୀମା ପଲିସି ଏହି ଦିଗରେ ଏକ ଛୋଟ କିନ୍ତୁ ମହତ୍ୱପୂର୍ଣ୍ଣ ପ୍ରୟାସ।

ଏହି ଅବସରରେ ୱେଲସପ୍ରିଙ୍ଗ୍ ହେଲଥ୍ କେୟାର ପ୍ରା.ଲିଃ.ର ନିର୍ଦ୍ଦେଶକ ମୋଇନ କାଜି କହିଲେ, କୋଭିଡ୍ ଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କ ପାଇଁ ଚିକିତ୍ସା ୱେଲସପ୍ରିଙ୍ଗ୍ ହେଲଥ୍ କେୟାର ପ୍ରା.ଲିଃ.ବେଦାନ୍ତର ବ୍ୟବସାୟିକ ଅଂଶୀଦାର ଭାବେ ଝାରସୁଗୁଡ଼ା ସ୍ଥିତ ପ୍ଲାଂଟ୍□ ଅଂଚଳରେ କାର୍ଯ୍ୟ ଜାରି ରଖିଛୁ। କର୍ମଚାରୀ, ପରିବାର ଏବଂ ବ୍ୟବସାୟିକ ଭାଗିଦାରୀଙ୍କ ସ୍ୱାସ୍ଥ୍ୟ ତଥା ଉନ୍ନତି ପାଇଁ ଆମର କର୍ମଚାରୀମାନେ ଦିନରାତି କାର୍ଯ୍ୟ କରୁଛନ୍ତି। ଏହା ସହିତ ସେମାନଙ୍କ ସାମୁହିକ ସ୍ୱାସ୍ଥ୍ୟ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ବେଦାନ୍ତ ଏହାର କର୍ମଚାରୀ ତଥା ସେମାନଙ୍କ ପରିବାରକୁ ସୁରକ୍ଷିତ ରଖିବା ପାଇଁ ଓଡିଶା ଏବଂ ଛତିଶଗଡର ଦୁର୍ଗମ ଅଂଚଳରେ ଥିବା ଏହାର ପ୍ଲାଂଟ୍ ଏବଂ ଅତ୍ୟାଧୁନିକ ଟାଉନଶିପ୍‌ରେ ବହୁ ପଦକ୍ଷେପ ଗ୍ରହଣ କରିଛି।

ଆପୋଲୋ ହସ୍ପିଟାଲ ସହିତ ମିଳିତ ଭାବରେ ୨୪x୭ ସ୍ୱାସ୍ଥ୍ୟ ହେଲ୍ପ ଲାଇନ ସ୍ଥାପନ କରାଯାଇଛି ।

ଇତିମଧ୍ୟରେ ୭୫୦୦ ରୁ ଅଧିକ କର୍ମଚାରୀ, ପରିବାର ଏବଂ ବ୍ୟବସାୟିକ ଅଂଶୀଦାରଙ୍କୁ ମାଗଣାରେ ଟିକାଦାନ କରାଯାଇଛି। ଏହା ସହିତ ୧୦୦% ଟିକାକରଣ ପାଇଁ ଯୋଜନା ମଧ୍ୟ ରହିଛି।

ଓଡ଼ିଶା ଏବଂ ଛତିଶଗଡରେ ବେଦାନ୍ତ ପକ୍ଷରୁ ୫୫୦ରୁ ଅଧିକ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଂଟର ଏବଂ କ୍ୱାରାଟାଂଇନ ସୁବିଧା ଆକ୍ରାନ୍ତଙ୍କ ପାଇଁ ସ୍ଥାପନ କରାଯାଇଛି।

କୋଭିଡ୍ ଟାସ୍କ ଫୋର୍ସ ସମସ୍ତ କର୍ମଚାରୀ ଏବଂ ତାଙ୍କ ପରିବାରଙ୍କ ତଦାରଖ ଦାୟିତ୍ୱ ଗ୍ରହଣ କରିଛନ୍ତି।

ପ୍ଲାଂଟ୍ ଏବଂ ଟାଉନଶିପରେ ସାମାଜିକ-ଦୂରତାର ତଦାରଖ ପାଇଁ ନିୟମିତ ପାଟ୍ରୋଲିଂ ସହିତ ଡ୍ରୋନ ଏବଂ ସିସିଟିଭି ବ୍ୟବହାର କରାଯାଉଛି।

ଟାଉନଶିପରେ ପନିପରିବା, କ୍ଷୀର, ତେଜରାତି ସାମଗ୍ରୀ ଆଦିର ବିକ୍ରୟ କ୍ଷେତ୍ରରେ ସାମାଜିକ ଦୂରତା ନିଶ୍ଚିତ କରାଇବା ଲାଗି ଏକ ଅନଲାଇନ ଟାଇମ୍ ସ୍ଲଟ-ବୁକିଂ ପୋର୍ଟାଲ ବିକଶିତ କରାଯାଇଛି। ଏହା ଦ୍ୱାରା ଲୋକଙ୍କ ଭିଡ଼ ଏବଂ ସମୟ ନିୟନ୍ତ୍ରଣ କରାଯାଇପାରୁଛି। ଫଳରେ ଲୋକେ ଦୋକାନରୁ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଯାଇପାରୁଛନ୍ତି।

ଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ପାଇଁ ପ୍ଲାଂଟ୍ ଏବଂ ଟାଉନଶିପ୍‌ରେ ରାପିଡ ଆଂଟିଜେନ ଟେଷ୍ଟ ମାଗଣାରେ କରାଯାଉଛି।

ଚିକିତ୍ସା ଲାଗି ସମସ୍ତ କୋଭିଡ୍ ଆକ୍ରାନ୍ତ କର୍ମଚାରୀଙ୍କ ପାଇଁ ଦରମା ସହିତ ଛୁଟିର ବ୍ୟବସ୍ଥା କରାଯାଇଛି।

କର୍ମଚାରୀଙ୍କ ସୁସ୍ଥତାକୁ ପ୍ରାଥମିକତା ଦିଆଯିବା ସହିତ ଅତ୍ୟାବଶ୍ୟକୀୟ ସାମଗ୍ରୀଠାରୁ ଆରମ୍ଭ କରି ସମସ୍ତ ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ସହାୟତା ପ୍ରଦାନ କରାଯାଉଛି।

ଟେଲିମେଡିସିନ ସୁବିଧା ଉପଲବ୍ଧ ହେଉଛି। ଏହାଦ୍ୱାରା ରୋଗୀମାନେ ଫୋନ ଏବଂ ଭିଡିଓ କଲିଂ ମାଧ୍ୟମରେ ଆବଶ୍ୟକ ପରାମର୍ଶ ଡାକ୍ତରଙ୍କଠାରୁ ଗ୍ରହଣ କରିପାରୁଛନ୍ତି।

ବାହ୍ୟ ଗମନାଗମନକୁ ପ୍ଲାଂଟ୍ ଏବଂ ଟାଉନଶିପ ଅଂଚଳରେ ବନ୍ଦ କରାଯାଇଛି।

ବେଦାନ୍ତର ନିଜସ୍ୱ ହସ୍ପିଟାଲଗୁଡ଼ିକୁ କର୍ମଚାରୀଙ୍କ ଯେକୌଣସି ଚିକିତ୍ସା ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରସ୍ତୁତ ରଖାଯାଇଛି।

କମ୍ ସଂଖ୍ୟକ କର୍ମଚାରୀଙ୍କ ଦ୍ୱାରା ପ୍ଲାଂଟ୍‌ରେ କାର୍ଯ୍ୟ କରାଯିବା ସହିତ ୱାର୍କ ଫର୍ମ ହୋମ୍ ଜାରି ରହିଛି।

କୋଭିଡ୍ ସଂକ୍ରମଣ ରୋକିବା ଏବଂ ଟିକାକରଣନେଇ ଲୋକଙ୍କୁ ସଚେତନ କରାଯାଉଛି। ଏହା ସହିତ ସାନିଟେଶନ କିଟ୍ ବଂଟନ ଏବଂ ସର୍ବସାଧାରଣସ୍ଥଳ ପାରିପାର୍ଶ୍ୱିକ ଗ୍ରାମଗୁଡିକୁ ସାନିଟାଇଜ କରାଯାଉଛି। ଆକ୍ରାନ୍ତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବାରେ ରାଜ୍ୟ ସରକାରଙ୍କୁ ସହାୟତା କରିବା ପାଇଁ କମ୍ପାନୀ ଓଡିଶା ଏବଂ ଛତିଶଗଡରେ ଦୁଇଟି କୋଭିଡ୍ ଫିଲ୍ଡ ହସ୍ପିଟାଲ ସ୍ଥାପନ କରିବାକୁ ଯୋଜନା କରିଛି। ଝାରସୁଗୁଡାରେ ରୋଗୀଙ୍କୁ ଅମ୍ଳଜାନ ଯୋଗାଣ ନିଶ୍ଚିତ କରିବାକୁ ବେଦାନ୍ତ ପକ୍ଷରୁ ଜିଲ୍ଲା ହସ୍ପିଟାଲଗୁଡ଼ିକକୁ ଅମ୍ଳଜାନ ସିଲିଣ୍ଡର ଯୋଗାଇ ଦେଉଛି। କମ୍ପାନୀ ପକ୍ଷରୁ ଓଡିଶାର ଭବାନୀପାଟଣାସ୍ଥିତ ଜିଲ୍ଲା ହସ୍ପିଟାଲକୁ ୧୦,୦୦୦ ଆରଟି-ପିସିଆର୍ ଟେଷ୍ଟ କିଟ ଯୋଗାଇ ଦିଆଯାଇଛି।

ବେଦାନ୍ତ ଆଲୁମିନିୟମ୍ ଆଣ୍ଡ୍ ପାୱାର ବିଜ୍‌ନେସ୍ ଯାହାକି ବେଦାନ୍ତ ଲିମିଟେଡ୍‌ର ଅଂଶବିଶେଷ ଭାରତର ପ୍ରାୟ ଅଧା ଆଲୁମିନିୟମ୍ ଉତ୍ପାଦନ କରିଥାଏ। ୨୦୨୦ ଆର୍ଥିକ ବର୍ଷରେ ଏହାର ପରିମାଣ ବାର୍ଷିକ ୧.୯ ନିୟୁତ ଟନ୍ ରହିଛି। ଏହା ଦେଶର ବୃହତ ଘରୋଇ ପାୱାର ଉତ୍ପାଦକ। ବେଦାନ୍ତ ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦ ପ୍ରସ୍ତୁତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହାର ବିଶ୍ୱସ୍ତରୀୟ ସ୍ମେଲଟର, ପାୱାର ପ୍ଲାଂଟ୍ ଏବଂ ଆଲୁମିନା ରିଫାଇନାରୀ ଭାରତରେ ବିଭିନ୍ନ ଅଂଚଳରେ ରହିଛି। ଆଲୁମିନିୟମ୍‌କୁ ଭବିଷ୍ୟତର ମେଟାଲ ଭାବେ ପ୍ରତିପାଦିତ କରି ଏକ 'ଗ୍ରୀନର ଟୁମୋରୋ' ଗଠନ ପାଇଁ ବେଦାନ୍ତ ପ୍ରୟାସ ଜାରି ରଖିଛି।





# କରୋନା ସମୟରେ ଗରୀବ ଓ ନିମ୍ନ ଆୟକାରୀ ପରିବାରକୁ ମାସିକ ୬ହଜାର ଟଙ୍କା ଦିଆଯାଉ : କଂଗ୍ରେସ

ଭୁବନେଶ୍ୱର:ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟ କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ ଭର୍ଚୁଆଲ ବୈଠକରେ କରୋନା ବିପତି ସମୟରେ ରୋଜଗାରହୀନ ଗରୀବ ଓ ସ୍ୱଳ୍ପ ଆୟକାରୀ ପରିବାରକୁ ମାସିକ ୬ ହଜାର ଟଙ୍କାର ଆର୍ଥିକ ସହାୟତା ରାଜ୍ୟ ସରକାର ପ୍ରଦାନ କରନ୍ତୁ ବୋଲି ଏକ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଯାଇଛି। ଏହାସହନବୀନ ସରକାରଙ୍କ ରାଜ୍ୟବାସୀଙ୍କ ଅବଗତି ନିମନ୍ତେ କୋଭିଡ ମହାମାରୀ ପରିଚାଳନା, ଟୀକାକରଣ ସଂକ୍ରାନ୍ତ ସମସ୍ତ ପ୍ରସଙ୍ଗରେ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରାଯାଇଛି।

ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା □ଓଡ଼ିଶା ପ୍ରଭାରୀ ସାଂସଦ ଡ. ଏ ଚେଲାକୁମାର ଓ ସହ ପ୍ରଭାରୀ ତଥା ଏଆଇସିସି ସଂପାଦକ ରୁଦ୍ର ରାଜୁଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ସଂପ୍ରତି କରୋନା ସ୍ଥିତି ଓ ସାଂଗଠନିକ କାର୍ଯ୍ୟକଳାପ ସମୀକ୍ଷା ପୂର୍ବକ କରୋନା ଦାଉରୁ ଓଡ଼ିଶା ବାସୀଙ୍କୁ ରକ୍ଷା କରିବା କ୍ଷେତ୍ରରେ କଂଗ୍ରେସର ପ୍ରମୁଖ ଭୂମିକା ନିର୍ବାହ କରିବା ଅପରିହାର୍ଯ୍ୟ ବୋଲି ନେତୃମଣ୍ଡଳି ମତ ରଖିଥିଲେ। ବିଧାୟକ ଯେଉଁମାନେ ବର୍ତମାନ ସୁଦ୍ଧା ଆଂଚଳିକ ବିଧାୟକ ପାଣ୍ଠିରୁ ଆମ୍ବୁଲାନ୍ସ ସେବାରେ ସାମିଲ ହୋଇ ନାହାଁନ୍ତି ସେ ସମସ୍ତ ବିଧାୟକ ମାନଙ୍କୁ ଏହି ପାଣ୍ଠିରୁ ଜନସାଧାରଣଙ୍କ ଏହି ସେବା ଯୋଗାଇ ଦେବାକୁ ପିସିସି ତରଫରୁ ପରାମର୍ଶ ଦିଆଯାଇଛି। ଯୁଦ୍ଧକାଳୀନ ଭିତରେ ଟୀକା, କୋଭିଡ ପ୍ରତିଷେଧକ ଔଷଧ, ଇଂଜେକସନ ଓ ଭେଂଟିଲେଟର ଆଦି ଓଡ଼ିଶାକୁ ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଦାବୀ କରାଯାଇଛି। ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ଅନ୍ଧକାରରେ ନ ରଖି କେଉଁ ୨ ମାସର କେତେ କେତେ ପରିମାଣର ଟୀକା ପ୍ରଦାନ କରାଯିବ ଓ କେବେ ସୁଦ୍ଧା ୧୮ରୁ ୪୪ ବର୍ଷର ଯୁବଶ୍ରେଣୀକୁ ଟୀକାକରଣ କରାଯିବ ତାହାର ଏକ ବିସ୍ତୃତ ସୂଚୀ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଛି। ଅକ୍ଷୟତୃତୀୟ ଠାରୁ ରାଜ୍ୟରେ ଚାଷକାର୍ଯ୍ୟ ଆରମ୍ଭ କରାଯାଇଥିବା ହେତୁ ଓଡ଼ିଶାରେ ଆବଶ୍ୟକ ହେଉଥିବା ସମୁଦାୟ ୭ଲକ୍ଷ କ୍ୟୁଂଟାଲ ଧାନ ଓ ଅଣଧାନ ପ୍ରାମାଣିକ ବିହନ ଯୋଗାନ୍ତୁ। ଦୁଗ୍ଧ ଚାଷୀଙ୍କ ପ୍ରତି ଉଚିତ ନ୍ୟାୟ ପ୍ରଦାନ କରିବା ନିମନ୍ତେ ପୂର୍ବରୁ ସଂଗ୍ରହ ହେଉଥିବା ୫.୫ ଲକ୍ଷ ଲିଟର ଦୁଗ୍ଧ ଓମଫେଡ଼ ସଂସ୍ଥା ନିୟମିତ ତଥା ନିଶ୍ଚିତ ଭାବେ ସଂଗ୍ରହ କରନ୍ତୁ। ପାନଚାଷୀଙ୍କ ନିମନ୍ତେ ବଜାର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପିସିସି ବୈଠକରେ ସରକାରଙ୍କୁ ଯଥୋଚିତ ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଛି।

# ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ୧୦୦୦ ଶଯ୍ୟା ବିଶିଷ୍ଟ କୋଭିଡ ଡାକ୍ତରଖାନା ସହିତ ଅକ୍ସିଜେନ ପ୍ଲା□ ସ୍ଥାପନ କରିବାକୁ ପୂର୍ବତନ ବିଧାୟକ କିଶୋର ଦାଶଙ୍କ ଦାବୀ

ବାରିପଦା: ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ଓଡ଼ିଶାର ସବୁଠାରୁ ବଡ ଜିଲ୍ଲା। ଏହାର ଗୋଟିଏ ଭାଗ ପଶ୍ଚିମବଙ୍ଗକୁ ଲାଗିଛି । ବ□ମାନ ପଶ୍ଚିମବଙ୍ଗ ସ୍ଥିତି ବହୁତ ଖରାପ। ତେଣୁ ଆଗକୁ ମୟୂରଭଞ୍ଜ ଜିଲ୍ଲାବାସୀଙ୍କୁ ଉନ୍ନତମାନର କୋଭିଡ ଚିକିତ୍ସାର ଆବଶ୍ୟକତା ରହିଛି । ତେଣୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଅକ୍ସିଜେନ ଏବଂ ଭେ□ିଲେଟର ସହିତ ୧୦୦୦ ଶଯ୍ୟା ବିଶିଷ୍ଟ କୋଭିଡ ଡାକ୍ତରଖାନା ସ୍ଥାପନ କରାଯିବାର ଆବଶ୍ୟକତା ରହିଛି ବୋଲି ବାରିପଦାର ପୂର୍ବତନ ବିଧାୟକ ତଥା ସଚେତନ ନାଗରିକ ମ□ ସଭାପତି କିଶୋର ଦାଶ କହିଛନ୍ତି । ସେଥିପାଇଁ ରାଜ୍ୟ ଏବଂ କେନ୍ଦ୍ର ମିଳିତ ଭାବେ ସହଯୋଗ କରିବାର ଆବଶ୍ୟକତା ରହିଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚାହିଁଲେ ସି.ଏସ.ଆର. ପାଣ୍ଠିରେ ୧୦୦୦ ଶଯ୍ୟା ବିଶିଷ୍ଟ କୋଭିଡ ଡାକ୍ତରଖାନା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ସ୍ଥାପନ କରିପାରିବେ ବୋଲି କିଶୋର ଦାଶ କହିଛନ୍ତି । ସେହିଭଳି ପି.ଏମ. କେୟାର ପାଣ୍ଠିରେ ବରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଅକ୍ସିଜେନ ପ୍ଲା□ ମଧ୍ୟ ସ୍ଥାପନ କରିବାକୁ ଦାବୀ କରିଛନ୍ତି । ଏ ଦିଗରେ ରାଜ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ନେବାର ଆବଶ୍ୟକତା ରହିଛି କି□ୁ ବ□ମାନ ପର୍ଯ୍ୟ' ରାଜ୍ୟ ସରକାର ମୟୂରଭଞ୍ଜ ଜିଲ୍ଲା ପାଇଁ ସେଭଳି କୌଣସି ପଦକ୍ଷେପ ନେଇ ନାହାଁନ୍ତି ।

ଯେ କୌଣସି ଅ□ଳର ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭି□ଭୂମିର ଉନ୍ନତିକରଣ ଏକା' ଆବଶ୍ୟକ । ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପ୍ରଥମେ ଟିକାକରଣ କରାଯାଇ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଚଳ ଚ□ଳ କରିବାର ଆବଶ୍ୟକତା ରହିଛି । ତେଣୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ତାହାକୁ କାର୍ଯ୍ୟକାରୀ କରିବାକୁ କିଶୋର ଦାଶ ମତ ପୋଷଣ କରିଛନ୍ତି । ବ□ମାନର ଛାତ୍ର ଛାତ୍ରୀ ଭାରତ ବର୍ଷର ଭବିଷ୍ୟତ । କି□ୁ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ସାମୟିକ ଭାବେ ବନ୍ଦ କରିଦେବାଟା ଏକମାତ୍ର କାର୍ଯ୍ୟ ବୋଲି ଭାବୁଛନ୍ତି । ଏହା ଦ୍ୱାରା କୋରନା ସହିତ ଛାତ୍ରଛାତ୍ରୀମାନଙ୍କର ମାନସିକତା ମଧ୍ୟ ନଷ୍ଟ ହୋଇଯିବ । ତେଣଉ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଛାତ୍ରଛାତୀ ଓ ଅଧ୍ୟାପକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା କରିବାକୁ ସଚେତନ ନାଗରିକ ମ□ ସଭାପତି ତଥା ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଦାବୀ କରିଛନ୍ତି ।





2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada






ବରିଷ୍ଠ ସାମ୍ବାଦିକ ଶ୍ରୀ କିଶ୍ୱୋର ଦ୍ୱିବେଦୀ ନିଜ ଗାଁ ମଶାଣୀରେ ମାଙ୍କୁ ଶେଷବିଦାୟ ଜଣାଉଛନ୍ତି

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray